ପିଲାଙ୍କ ପାଇଁ ବିଜ୍ଞାନ ସାହିତ୍ୟ

# ମାଙ୍କଡ଼ରୁ ମଣିଷ

ଡକ୍ଟର ନୃସିଂହ ଚରଣ ପଣ୍ଡା

Digitized by srujanika@gmail.com

# ମାଙ୍କଡ଼ରୁ ମଣିଷ

ଲେଖକ :

ଡଃ ନୃସିଂହ ଚରଣ ପଣ୍ଡା

ପ୍ରକାଶକ

ଧର୍ମଗ୍ରନ୍ଥ ଷ୍ଟୋର :

ବାଲୁବଜାର, କଟକ-୧୨

ପ୍ରଥମ ସଂସ୍କରଣ—୧୯୮୪

ମୂଲ୍ୟ-- ଟ ୬-୭୦ ପଇସା

Digitized by srujanika@gmail.com

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧ । ଅସରନ୍ତି ପ୍ରଶ୍ନ | ୧ |
| ୨ । ବେଙ୍ଗ କଥା | ୭ |
| ୩ । ଶିଉଳି ଓ ବରଗଛ | ୧୦ |
| ୪ । କୁମ୍ଭାର ଗଢ଼ିଲା ହାଣ୍ଡିମାଠିଆ | ୧୩ |
| ୫ । ରବିବାର ଛୁଟି | ୧୭ |
| ୬ । ବାପ-ଝିଅଙ୍କ କାହାଣୀ | ୨୫ |
| ୭ । ଓଡ଼ଶୀ ନାଚ | ୩୦ |
| ୮ । ଉଦ୍‌ବର୍ତ୍ତନ | ୩୧ |
| ୯ । ଭୂତାଣୁରୁ ବରଗଛ | ୪୦ |
| ୧୦ । ଭୂତାଣୁରୁ ମଣିଷ | ୪୪ |
| ୧୧ । ଶୋଭା କାବା ହୋଇଗଲା | ୫୩ |
| ୧୨ । ଡର୍‌ଉଇନ୍ | ୫୫ |
| ୧୩ । ଡର୍‌ଉଇନ୍ କ'ଣ ବଳାବଳେଇଲେ ? | ୬୨ |
| ୧୪ । ମଣିଷ ଜାଣିଲା କେମିତି ? | ୬୪ |
| ୧୫ । ସିଡ଼ିଟା କେତେ ଉଚା ? | ୬୫ |


Digitized by srujanika@gmail.com

# ଭୂମିକା

ଆଜି ବିଜ୍ଞାନର ଯୁଗ । ଲୋକ ବିଜ୍ଞାନ ପଢ଼ୁ ବା ନ ପଢ଼ୁ, ବିଜ୍ଞାନ ବିଷୟରେ ତା'ର କିଛି ଧାରଣା ରହିବା ଉଚିତ ।

ଆସନ୍ତା କାଲି ବିଜ୍ଞାନର ଭୂମିକା ଆହୁରି ବଢ଼ିଯିବ । ଭବିଷ୍ୟତରେ ଯେଉଁମାନେ ନାଗରିକ ହେବେ, ଆଜି ସେମାନେ ପିଲା । ଏଇ ପିଲା ବୟସରୁ ବିଜ୍ଞାନ ବିଷୟରେ ପ୍ରାଥମିକ ଶିକ୍ଷା ପାଇଲେ ବଡ଼ ହେଲାବେଳେ ସେମାନେ ବିଜ୍ଞାନ ପ୍ରତି ଆକୃଷ୍ଟ ହେବେ ।

ମଣିଷ ଆସିଲା କେମିତି ? ଗାଈ, ଘୋଡ଼ା, ହାତୀ, ହରିଣ, ମାଙ୍କଡ଼ ଜନ୍ମ ହେଲେ କେମିତି ? କିଏ ଜୀବକୁ ତିଆରି କଲା ? ଜୀବ କ'ଣ ଆପେ ଆପେ ହୋଇଗଲା ? କି ସାନ, କି ବଡ଼, ସମସ୍ତଙ୍କ ପାଇଁ ଏହା ଏକ ବଡ଼ ପ୍ରଶ୍ନ ।

ଏହି ପ୍ରଶ୍ନର ଉତ୍ତର ଅଛି । ଆମେ ସାଧାରଣତଃ ଭାବି ନଉ ଯେ ପିଲା ଏହି ଉତ୍ତରକୁ ବୁଝି ପାରିବ ନାହିଁ । ଉତ୍ତର ଯେତେ ଜଟିଳ ହେଲେ ସୁଦ୍ଧା ତାକୁ ସରଳ କରି ହେବ । ପିଲା ତାକୁ ବୁଝିପାରିବ । ଏପରି ଏକ ଭୂମିକା ନେଇ ଏହି ବହି ଖଣ୍ଡିକୁ ଲେଖାଯାଇଛି ।

Digitized by srujanika@gmail.com

ଡକ୍ଟର ପ୍ରମୋଦ ଚନ୍ଦ୍ର ସାମଲ ବାହାର ଚିତ୍ରଗୁଡ଼ିକ ଆଙ୍କିଛନ୍ତି ଏବଂ ମଲାଟର ଚିତ୍ର କରିଛନ୍ତି । ଲେଖକ ତାଙ୍କ ପାଖରେ କୃତଜ୍ଞ ।

ଭୁବନେଶ୍ୱର
ତା ୭ । ୨ । ୮୯

ନୃସିଂହ ଚରଣ ପଣ୍ଡା

Digitized by srujanika@gmail.com

# ଅସରନ୍ତି ପ୍ରଶ୍ନ

ଶୋଭା ଛଅ ବରଷର ଝିଅଟିଏ । ସେ କନ୍‌ଭେଣ୍ଟ୍ ସ୍କୁଲରେ ପଢ଼େ । ସେ ଭଲ ପଢ଼େ । ସେ ପାଠ ପଢ଼େ, ଖେଳେ, ତା' ଛଡ଼ା ସେ ପ୍ରକୃତି-ପାଠକୁ ଭଲ ପାଏ ।

ପିଲାମାନେ ବହି ପଢ଼ନ୍ତି । ବଡ଼ ଲୋକେ ବହି ପଢ଼ନ୍ତି । ବହି ସିନା ପଢ଼ାଯାଏ, ପ୍ରକୃତିକୁ କେମିତି ପଢ଼ାଯାଏ ?

ଶୋଭା ବଗିଚାକୁ ଯାଏ । ସେଠାରେ ସେ ନାନା କିସମର ଫୁଲ ଗଛ ଓ ପତ୍ର ଗଛକୁ ଦେଖେ । ତାଙ୍କ ବଗିଚାରେ ପଚିଶ କିସମର ଗୋଲାପ ଫୁଲ ଅଛି । ଗୋଲାପଗୁଡ଼ିକୁ ଦେଖି ସେ ବହୁତ ଖୁସି ହୋଇଯାଏ । ସେ ନିଜକୁ ପଚାରେ, "ଗୋଲାପ ଫୁଲ ଏମିତି ସୁନ୍ଦର ହେଲା କିପରି ? ତା'ର ପାଖୁଡ଼ାଗୁଡ଼ିକରେ ରଙ୍ଗ ଆସିଲା କିପରି ? ତାକୁ କିଏ ତିଆରି କଲା ?"

ଶୋଭା ମନ୍ଦାର-ଫୁଲ ଗଛ ପାଖକୁ ଯାଏ । ନାଲି ମନ୍ଦାର ଫୁଲ ଉପରେ ଗୋଟେ ଭ୍ରମର ଉଡ଼ୁଥାଏ । ଭଅଁରଟା କିଟିମିଟି କଳା, କଜଳଠୁ ଆହୁରି କଳା । ଭଅଁର ଭଁ ଭଁ କରି ଉଡ଼ି ବୁଲୁଥାଏ । ବେଳେ ବେଳେ ସେ ଫୁଲ ଉପରେ ବସିଯାଏ, ଫୁଲଠୁ କିଛି ଶୋଷିନିଏ, ପୁଣି ଭଁ ଭଁ କରି ଉଡ଼ି ବୁଲେ ।

କ'ଣ ଫୁଲ ବି ଭଅଁର ସାଙ୍ଗରେ ଖେଳେ ? ନିତା, ମିତା, ଲିଲୀ, ରଜନି ସାଙ୍ଗରେ ଶୋଭା ଖେଳେ । ସେ ବୁଲୁ, ମିଣ୍ଟୁ,

Digitized by srujanika@gmail.com

ସମୀର, ରାଧୁ ସାଙ୍ଗରେ ଖେଳେ । ଭଅଁର କ'ଣ ସେମିତ ଖେଳ ଜାଣେ ? ଫୁଲ କ'ଣ ସେମିତ ଖେଳ ଜାଣେ ?

ବଗିଚ୍ଚରେ ଅନେକ କସମର ପ୍ରଜାପତ ଉଡ଼ୁଥାଆନ୍ତ । ହରରଙ୍ଗୀ ଡେଣା ନେଇ ସେମାନେ ଉଡ଼ନ୍ତ । ପ୍ରଜାପତ କ ସୁନ୍ଦର ! ତା'ର ଡେଣା ଦୁଇଟି କ ସୁନ୍ଦର ! ତାକୁ ଏପର ଚର୍ତ୍ତିତ କରଚ କଏ ?

ପଡ଼ିଆରେ ଅନାବନା ଗଛ ଥାଏ । ଛୋଟ ଛୋଟ ଗଛ, ଅନେକ କଙ୍କି ପଡ଼ିଆରେ ଉଡ଼ୁଥାଆନ୍ତ, ଗଛ-ଡାଳରେ ବସୁ-ଥାଆନ୍ତ । କଙ୍କି ଧରିବାକୁ ଶୋଭା ବ୍ୟସ୍ତ ରହିଯାଏ ।

ମାସ ମାସ ଧରି ପ୍ରକୃତ-ପାଠ କରିବା ପରେ ଶୋଭା ପ୍ରକୃତକୁ ଭଲ ପାଇଛି । ପ୍ରତ ଦନ ସେ ଭାତ ଖାଏ, ପାଣି ପିଏ, ଦୁଧ ପିଏ, ଗାଧୁଏ, ପାଇଖାନା ଯାଏ, ପାଠ ପଢ଼େ । ଠିକ୍ ସେହିପରି ପ୍ରତ ଦନ ସେ ପ୍ରକୃତକୁ ଦେଖେ । ଏଟା ତା'ର ଅଭ୍ୟାସରେ ପଡ଼ି ଯାଇଛି । ସେ ନୀଳ ଆକାଶକୁ ଦେଖେ; ସୂର୍ଯ୍ୟ-ଉଦୟକୁ ଦେଖେ; ଆକାଶରେ ଇନ୍ଦ୍ରଧନୁକୁ ଦେଖେ; ରାତରେ ଆକାଶରେ ଜହ୍ନକୁ ଦେଖେ; ତାରାମାନଙ୍କୁ ଦେଖେ; ସେ ପ୍ରଜାପତଙ୍କୁ ଦେଖେ; ଫୁଲ, ଫଳ, ଲତାକୁ ଦେଖେ । ଏସବୁ ଦେଖି ସେ ଖୁସି ହୋଇଯାଏ । ତା' ମନରେ ଅନେକ ପ୍ରଶ୍ନ ଆସେ । ସେ ମାଆଙ୍କୁ ପଚ୍ଚରେ; ବାପାଙ୍କୁ ପଚ୍ଚରେ; ଜେଜେମା ଓ ଜେଜେବାପାଙ୍କୁ ପଚ୍ଚରେ; ସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ପଚ୍ଚରେ ।

ଶୋଭାର ଜେଜେମା ପୁରୁଣା କାଳିଆ ଲୋକ । ବୁଢ଼ୀର ଅଳ୍ପ ପାଠ । ଶୋଭା ଜେଜେମା ବୁଢ଼ୀଙ୍କୁ ଗୋଟିଏ ପ୍ରଶ୍ନ ପଚ୍ଚର

Digitized by srujanika@gmail.com

ଆସିଛି । ସେଇ ପ୍ରଶ୍ନଟିକୁ ସେ ଅନେକ ପ୍ରକାରରେ ପଚାରିଛି । ସେ ଅନେକ ବାର ପଚାରିଛି । ଗୋଟିଏ ପ୍ରଶ୍ନର ଉତ୍ତର ପାଇଲା ପରେ ସେ ଆଉ ଗୋଟିଏ ପ୍ରଶ୍ନ ପଚାରିଛି । ବୁଢ଼ୀ ଗୋଟିଏ ପ୍ରକାରର ଉତ୍ତର ଦେଇ ଆସିଛନ୍ତି । ଶୋଭାର ପ୍ରଶ୍ନ ଅସରନ୍ତି; ଜେଜେମାଙ୍କର ଉତ୍ତର ମଧ୍ୟ ଅସରନ୍ତି ।

"ଜେଜେମା, ମୁଁ କୋଉଠୁ ଆସିଲି ?"

"ତୋ ମା' ତୋତେ ଜନ୍ମ କଲା ।"

"ମୋ ମା' କୋଉଠୁ ଆସିଲା ?"

"ତୋ ମା'ର ମା' ତାକୁ ଜନ୍ମ କଲା ।"

"ମୋ ମା'ର ମା' କୋଉଠୁ ଆସିଲା ?"

"ତା'ର ମା' ତାକୁ ଜନ୍ମ କଲା ।"

ଶୋଭା ପଚାରି ଚାଲିଥାଏ । ତା'ର ଜେଜେମା ଉତ୍ତର ଦେଇ ଚାଲିଥାଆନ୍ତି । ମାତ୍ର ସତେ କ'ଣ ଶୋଭା ତା'ର ପ୍ରଶ୍ନର ଉତ୍ତର ପାଏ ? ସେହି ଉତ୍ତରରେ କ'ଣ ତା'ର ସନ୍ତୋଷ ଆସେ ? ମଣିଷକୁ ଶୋଷ ହୁଏ । ସେ ପାଣି ପିଇ ନିଏ । ଶୋଷ ମରିଗଲା ପରେ ଆଉ ପାଣି ପିଇବାକୁ କେହି ଚାହେଁ ନାହିଁ । ତେବେ ଶୋଭାର ଶୋଷ ମରେ ନାହିଁ କାହିଁକି ? ଉତ୍ତର ପାଇ ସାରିଲା ପରେ ପୁଣି ସେ ସେଇ ପ୍ରଶ୍ନକୁ ପଚାରେ କାହିଁକି ?

ପଡ଼ିଆରେ ମାଈ କୁକୁଡ଼ାଟିଏ ବୁଲୁଥିଲା, ସେ ଘାସ, ପତର ଖାଉଥିଲା, ପୋକଜୋକ ଖାଉଥିଲା, ଗୋଡ଼ି ଖୁଣ୍ଟି ଖାଉଥିଲା । ତା ସାଙ୍ଗରେ ତା'ର ଛୁଆ ଗୁଡ଼ିଏ ବୁଲୁଥିଲେ । ବଡ଼ କଉତୁକିଆ

Digitized by srujanika@gmail.com

ଛୁଆ, ଛୁଆଗୁଡ଼ିକୁ ଦେଖି ଶୋଭା ଗୋଟିକୁ ଧରିବାକୁ ଚାହିଁଲା । ଛୁଆମାନେ ଧରା ଦେଲେ ନାହିଁ ।

ତା' ପର ଦିନ ସକାଳେ ଶୋଭା ସକାଳ—ଖିଆରେ ଅଣ୍ଡାଟିଏ ଖାଇଲା । ସିଝା ଅଣ୍ଡା ଖାଇବାକୁ ସେ ଭଲ ପାଏ । ସେ ସେଦିନ ଅଣ୍ଡା ଖାଇଲାବେଳେ ତା'ର ମନରେ ଗୋଟିଏ ପ୍ରଶ୍ନ ଉଠିଲା । ବଡ଼ ଅଡ଼ୁଆ ପ୍ରଶ୍ନ । ସୂତା ଅଡ଼ୁଆ ହୋଇ ଗଣ୍ଠି ପଡ଼ିଗଲେ ମା' ବିରକ୍ତ ହୁଅନ୍ତି । ତଥାପି ସୂତାର ଗଣ୍ଠିକୁ ସେ ଖୋଲି ଦିଅନ୍ତି, ସୂତାକୁ ସିଧା କରି ଦିଅନ୍ତି । ଏହି ଅଡ଼ୁଆ ପ୍ରଶ୍ନର ଗଣ୍ଠିକୁ ଖୋଲିବା ପାଇଁ ଶୋଭା ତା'ର ଜେଜେମା ପାଖକୁ ଗଲା ।"

"ଜେଜେମା, କୁକୁଡ଼ା ଆସିଲା କୋଉଠୁଁ ?"

"ଅଣ୍ଡାରୁ ଫୁଟିଲା ; ଛୁଆ ହେଲା; ଛୁଆ ବଡ଼ ହୋଇ କୁକୁଡ଼ା ହେଲା ।

Digitized by srujanika@gmail.com

"ଅଣ୍ଡା ଆସିଲା କୋଉଠୁ ?"
"କୁକୁଡ଼ା ଅଣ୍ଡା ପାରିଲା ।"
"ସେଇ କୁକୁଡ଼ା ଆସିଲା କୋଉଠୁ ?"
"ଅଣ୍ଡାରୁ ଆସିଲା ।"
"ସେଇ ଅଣ୍ଡା ଆସିଲା କୋଉଠୁ ?"
"କୁକୁଡ଼ାରୁ ଆସିଲା ।"



ଶୋଭା ପ୍ରଶ୍ନ ପଚାରି ଚାଲିଥାଏ । ଜେଜେମା ଉତ୍ତର ଦେଇ ଚାଲିଥାଆନ୍ତି । ବୁଢ଼ୀ ଥକି ଯାଆନ୍ତି ନାହିଁ । ତାଙ୍କ ମନରେ ଖୁସି । ନାତୁଣୀ ସାଙ୍ଗରେ ଏଇଟା ତାଙ୍କର ଗୋଟେ ଖେଳ । ଏ ଖେଳରେ ନାତୁଣୀ ହାରେ ନାହିଁ, ଜେଜେମା ହାରନ୍ତି ନାହିଁ । ଏ ଖେଳରେ ନାତୁଣୀ ଜିତେ ନାହିଁ, ଜେଜେମା ଜିତନ୍ତି ନାହିଁ । ତଥାପି ଶୋଭାର ମନରେ ସନ୍ତୋଷ ଆସେ ନାହିଁ । ତା' ମନ ଭିତରୁ ପ୍ରଶ୍ନ ଉଙ୍କିମାରେ । ସେ ପଚାରି ଚାଲେ ସତେ କ'ଣ ଏ ପ୍ରଶ୍ନର ଉତ୍ତର ନାହିଁ ?

Digitized by srujanika@gmail.com

|| ୭ ||

ଦୁପହରେ, ସଞ୍ଜବେଳେ ଜେଜେମା ଶୋଭାକୁ କାହାଣୀ ଶୁଣାନ୍ତି । ପ୍ରତି କାହାଣୀର ଆରମ୍ଭ ଥାଏ, ଶେଷ ଥାଏ; କିନ୍ତୁ ଶୋଭା ଯେଉଁ କାହାଣୀ ବିଷୟରେ ପ୍ରଶ୍ନ ପଚାରୁଛି, ତା'ର ତ ଶେଷ ନାହିଁ ।

ଶୋଭା କହିଲା, "ଆମ କଥା ଅସରନ୍ତି ହେଉଛି କାହିଁକି ? କଥାଟିକୁ ସାରି ଦେ ଜେଜେମା ।"

ଜେଜେମା ବହୁତ ଖୁସି ହୋଇଗଲେ । ହସ ହସ ମୁହଁରେ ସେ ଗାଇଲେ :

"ମୋ କଥାଟି ସରିଲା, ଫୁଲ ଗଛଟି ମରିଲା ।"
"ହଇରେ ଫୁଲ ଗଛ, ତୁ କାହିଁକି ମଲୁ ?"
"ମତେ କାଳିଗାଈ ଖାଇଗଲା ।"
"ହଇଲୋ କାଳିଗାଈ, ତୁ କାହିଁକି ଖାଇଲୁ ?"
"ମତେ ଗଉଡ଼ ଜଗିଲା ନାହିଁ ।"
"ହଇରେ ଗଉଡ଼ ତୁ କାହିଁକି ଜଗିଲୁ ନାହିଁ ?"
"ମତେ ବଡ଼ ବୋହୂ ଖାଇବାକୁ ଦେଲା ନାହିଁ ।"
"ହଇଲୋ ବଡ଼ବୋହୂ, ତୁ କିଆଁ ଖାଇବାକୁ ଦେଲୁନାହିଁ ?"
"ପୁଅ କାନ୍ଦିଲା ।"
"ହଇରେ ପୁଅ, ତୁ କିଆଁ କାନ୍ଦିଲୁ !"
"ମତେ ଧୂଳିଆ ଜନ୍ଦା, କାମୁଡ଼ିଲା ।"
"ହଇରେ ଧୂଳିଆ ଜନ୍ଦା, ତୁ କିଆଁ କାମୁଡ଼ିଲୁ ?"
"ମୁଁ ଭୂଇଁ ତଳେ ତଳେ ଥାଏ,
କଅଁଳ ମାଉଁସ ଟିକିଏ ପାଇଲେ ଝୁଟ୍ କିନେ କାମୁଡ଼ି ଦିଏ ।"

Digitized by srujanika@gmail.com

କେକେମା'ର ଗୀତଟିକୁ ଶୋଭା ଶୁଣିଲା । ଖୁସି ହେଲା । ତଥାପି ସେ କେକେମା ବୁଢ଼ୀକୁ ବୋକୀ ବୋଲି ଭାବିଲା । କେକେମା କାହିଁକି କଥାଟିକୁ ସାରିଦେଲା ? ସତେ କ'ଣ କଥାଟି ସରିଗଲା । ସେତ 'କିଆଁ' ପଚାରି ଚାଲି ଥାଆନ୍ତା । ପ୍ରତି ଥର ସେ ଗୋଟିଏ ଉତ୍ତର ପାଇ ଥାଆନ୍ତା; ପୁଣି ସେ 'କାହିଁକି' ପଚାରି ଥାଆନ୍ତା । ବୁଢ଼ୀ ଥକିଗଲା, ଜୋର୍ ଜବରଦସ୍ତି କଥାଟାକୁ ସାରିଦେଲା ।

## ବେଙ୍ଗ କଥା

ସନ୍ଧ୍ୟାରେ ବର୍ଷା ହେଉଥିଲା । ପୋଖରୀରେ ବେଙ୍ଗମାନେ ରଡ଼ି ଛାଡ଼ୁଥିଲେ । ଶୋଭା ତା'ର କେକେମା ସାଙ୍ଗରେ ବସି ଗପ କରୁଥିଲା ।

ଶୋଭା ପଚାରିଲା, "କେକେମା ବେଙ୍ଗ କୋଉଠୁ ଆସିଲା !"

"ଆଲୋ ଟୋକୀ, ବେଙ୍ଗ ଅଣ୍ଡାରୁ ଆସିଲା, ଆଉ ସେଇ ଅଣ୍ଡାକୁ ତା' ମା' ପାରିଥିଲା ।"

"କୁକୁଡ଼ା ସିନା ଅଣ୍ଡା ଦିଏ । ବେଙ୍ଗ ବି କ'ଣ ଅଣ୍ଡାଦିଏ ?"

"ହଁ ମା' ବେଙ୍ଗୁଲୀ ବି ଅଣ୍ଡା ଦିଏ ।"

"ମୁଁ କୁକୁଡ଼ା-ଅଣ୍ଡା ଖାଇଛି । କାଇଁ ବେଙ୍ଗ-ଅଣ୍ଡା ତ କେବେ ଖାଇ ନାହିଁ ।"

Digitized by srujanika@gmail.com

"ବେଙ୍ଗ-ଅଣ୍ଡା ଅତି ଛୋଟ । ତାକୁ ମଣିଷ ଖାଆନ୍ତି ନାହିଁ ।"

"ଆଚ୍ଛା, କେଜେମା, ବେଙ୍ଗୁଲୀର ମା-ବେଙ୍ଗୁଲୀ କୋଉଠୁ ଆସିଲା ?"

"ମା-ବେଙ୍ଗୁଲୀ ଅଣ୍ଡାରୁ ଆସିଲା । ସେଇ ଅଣ୍ଡାକୁ କେଜେମା-ବେଙ୍ଗୁଲୀ ପାରିଥିଲା ।"



"ଏ ତ ବି ଅସରନ୍ତି କଥା, କେଜେମା ।"

"ମୋ ବେଙ୍ଗୁଲୀ କଥା ଅସରନ୍ତି କାହିଁ ହବ ମ ?"

"ତୋର ପୁଣି ବେଙ୍ଗୁଲୀ କଥାଟେ ଅଛି ।"

"ବଢ଼ିଆ କଥା ନା ?"

"ତୁ କହିଲୁ, କେଜେମା ।"

"କହୁଚ କହୁଚ, ଶୁଣ ।"

"କଥାଟିଏ କହୁଁ, କଥାଟିଏ କହୁଁ ।"

"କିସ କଥା ? ବେଙ୍ଗୁଲୀ କଥା ।"

Digitized by srujanika@gmail.com

କି ବେଙ୍ଗୁଲୀ ? କାଠ ବେଙ୍ଗୁଲୀ ।
କି କାଠ ? ଘଣା କାଠ ।
କି ଘଣା ? ଆଖୁ ଘଣା ।
କି ଆଖୁ ? କନ୍ତାର ଆଖୁ ।
କି କନ୍ତାର ? ବୁଢ଼ୀ ମେନ୍ତାରୀ ।
କି ବୁଢ଼ୀ ? ଧୋକଡ଼ ବୁଢ଼ୀ ।
କି ଧୋକଡ଼ ? ପାତ ମାଙ୍କଡ଼ ।
କି ପାତ ? ରଜାଙ୍କ ପାତ ।
କି ରଜା ? ଖଣ୍ଡ ଖଜା ।
କି ଖଣ୍ଡ ? ମିରଗ ମୁଣ୍ଡ ।
କି ମିରଗ ? ଝାଡ଼ ମିରଗ ।
କି ଝାଡ଼ ? କଣ୍ଟା ବାଡ଼ ।
କି କଣ୍ଟା ? କାନ କୋଳ କଣ୍ଟା ।
ଲୁଗାରେ ଲାଗେ ଅଠା କଠା, ଝଣ୍ଟାପଣ୍ଟା ।"

କେକେମାଙ୍କଠୁ ଗୀତଟି ଶୁଣି ଶୋଭା ଖୁବ୍ ଜୋର୍‌ରେ ହସିଲା । ହସି ହସି ବେଦମ୍ ହୋଇଗଲା ।

ହସି ସାରିଲା ପରେ ଶୋଭା ଗୀତର ଶେଷ ଅଂଶକୁ ମନେ ପକାଇଲା । "କି କଣ୍ଟା କାନ କୋଳ କଣ୍ଟା । ଲୁଗାରେ ଲାଗେ ଅଠା କଠା, ଝଣ୍ଟାପଣ୍ଟା ।" ଏଇଠେ କେକେମା ଠକି ଦେଲା ବୋଲି ଶୋଭା ଭାବି ନେଲା । ସେ ତ ପଚାରି ପାରି ଥାଆନ୍ତା, "କି କାନକୋଳ କଣ୍ଟା ।" ସେ ପଚାରିଲା ନାହିଁ କାହିଁକି ?

Digitized by srujanika@gmail.com

# ଶିଉଳ ଓ ବରଗଛ

ଶୋଭା ଟି.ଭି.ରେ ପିଲାଙ୍କ ପାଇଁ ବିଜ୍ଞାନ କାର୍ଯ୍ୟକ୍ରମ ଦେଖୁଥିଲା । ସେଇଥିରୁ ସେ ଜାଣିଲା ଯେ ଶିଉଳ ଗୋଟେ ଗଛ । ବର୍ଷାଦିନେ ବାହାର କାନ୍ଥରେ ସେ ଶିଉଳ ଦେଖିଥିଲା । ତା'ର ରଙ୍ଗ ଶାଗୁଆ । ତା' ଗୋଟେ ଶାଗୁଆ ରଙ୍ଗର ମଳି ବୋଲି ସେ ଭାବିଥିଲା । ଓସ୍ତ ଓ ବରଗଛ ଯେମିତି, ଶିଉଳ ବି ସେମିତି ବୋଲି ସେ କେବେ ଭାବି ନ ଥିଲା ।

ବରଗଛଟା ଆସିଲା କୋଉଠୁ ? ଏଇ ପ୍ରଶ୍ନ ଶୋଭା ନିଜକୁ ପଚାରିଲା । ଏଡ଼େ ବଡ଼ ଗଛଟେ । ତା'ର ମା' ବାପା କିଏ ?

ଶେଷରେ ଶୋଭା ତା' ଜେଜେମା ପାଖରେ ପହଞ୍ଚିଲା । ଜେଜେମା ବୁଢ଼ୀ ପାଇଁ ସାରା ଦୁନିଆଟା ସହଜିଆ କଥା । ଯେତେ ଭିଡ଼ କଥା ହେଲେ ସୁଦ୍ଧା ଜେଜେମା ପାଇଁ ତା ସହଜ । ସେ ତା ପେଡ଼ୀରୁ ତାହା ତିଆରି ଉତ୍ତର ବାହାର କରି ଦିଏ ।

ବୁଢ଼ୀ କହିଲା; "ଅଇଲୋ ନାତୁଣୀ, ତୁ ଏଇ କଥାଟା ପାଇଁ ଭାଳେଣି କରୁଚୁ ? ଏଇ ବଡ଼ ବର ଗଛଟା ପରି ଏକ ଛୋଟ ମଞ୍ଜିରୁ ଜାତ ହୋଇଛି ।"

ବର-ଫଳଟିଏ ଆଣି ବୁଢ଼ୀ ମା' ଦେଖେଇ ଦେଲା । ଫଳଟିକୁ ସେ ଭାଙ୍ଗିଦେଲା । ଛୋଟ ଫଳଟି ଭିତରେ ଶହେ ଖଣ୍ଡେ ମଞ୍ଜି ଖୁନ୍ଦାଖୁନ୍ଦି ହୋଇ ରହିଥିଲେ । ପ୍ରତି ଛୋଟ ମଞ୍ଜିଟିରୁ ଗୋଟିଏ ବରଗଛ ବାହାରିବ ।

Digitized by srujanika@gmail.com

ଶୋଭା ପଚାରିଲା; "ଜେଜେମା, ବରଗଛ ବର-ମଞ୍ଜିରୁ ବାହାରିଲା । ଏକଥାକୁ ମାନିନେଲି । କହିବୁ, ଜେଜେମା, ବରମଞ୍ଜି କୋଉଠୁ ବାହାରିଲା ?"

"କଲୋ, ବରମଞ୍ଜି ବରଗଛରୁ ବାହାରିଲା । ସହଜିଆ କଥାଟାକୁ ପଚାରୁଚୁ କ'ଣ ମ ?"

"ତା' ପୂର୍ବରୁ କ'ଣ ଥିଲା ?"

"ଗଛ –ମଞ୍ଜି, ମଞ୍ଜି –ଗଛ, ଗଛ –ମଞ୍ଜି, ମଞ୍ଜି- ଗଛ, ଏଇମିତି ତୁ ପଛକୁ ଲମ୍ବେଇ ନେ । କେବେ ସରିବ ନାହିଁଲୋ ଶୋଭା । ଭଗବାନଙ୍କ ସଂସାର । ପଛକୁ ଚାଲିଥିବ, ଆଗକୁ ଚାଲିଥିବ, ସରିବ କେତେବେଳେ ?"

ଶୋଭା ଶୁଣିଲା, ଟିକିଏ ମୁରୁକ ମୁରୁକ ହସି ଦେଲା । ତଥାପି ତା' ମନ ମାନିଲା ନାହିଁ । ଏଇ ଅସରନ୍ତି କଥାଟାକୁ ସେ ମାନିବାକୁ ପ୍ରସ୍ତୁତ ନ ଥିଲା ।

"ଆଚ୍ଛା, ଜେଜେମା ବରଗଛ କେମିତି ଜାତ ହେଲା, ତୁ କହିଲୁ ଗଛ ପରା ମଞ୍ଜିରୁ ଜାତ ହେଲା, ମଞ୍ଜି ଗଛରୁ ଜାତ ହେଲା । ଗୋଟେ କଥା, ଜେଜେମା, ପଚାରିବି ଯେ ତୋ ବୁଦ୍ଧି ଗୁଡ଼ୁମ୍ ହେଇଯିବ ।" ଶୋଭା କହିଲା ।

"ଏ ଯଶୋଦା ବୁଢ଼ୀର ମୁଣ୍ଡଟାକୁ ତୁ ଚିହ୍ନି ନାହୁଁ ଲୋ ଟୋକୀ । ବୁଢ଼ୀର ମୁଣ୍ଡରେ ଏତେ ଅକଲ ଅଛି ଯେ ତୋ ଭଳିଆ ହଜାର ଟୋକୀଙ୍କୁ ବକଲି କରି ଦେବ ।"– ଜେଜେମା କହିଲେ ।

Digitized by srujanika@gmail.com

|| ୧୭ ||

"ଆଚ୍ଛା, କହିଲୁ ଜେଜେମା ଶିଉଳି କୋଉଥିରୁ ଜାତ ହେଲି।"

"ଆଲୋ ତୁ ଗଛ କଥା ପଚାରିବୁନା, ଶିଉଳି କଥା ପଚାରୁଛୁ। ଶିଉଳି କ'ଣ ଗଛ।"

"ଜେଜେମା ମୁଁ ଟିଃଭିଃରୁ ଜାଣିଛି। ଶିଉଳି ଗୋଟେ ଗଛ"

"ଆଲୋ ଟିଃଭିଃରେ ନାଚଗୀତ ଥାଏ। ପାଠ କଥା କୋଉଠେ ଥାଏ।"

"ନା ନା ଜେଜେମା ଶିଉଳି ଗୋଟେ ଗଛ।"

"ଯଦି ତା' ହେଇଥାଏ, ତେବେ ଠାକୁରେ କେମିତି ଭିଆଇଲେ ? ମୁଁ ତ ଶିଉଳିର ଫଳ ଦେଖି ନାହିଁ, ମଞ୍ଜି ଦେଖିନାହିଁ । ବିନା ମଞ୍ଜିରେ ଶିଉଳି ହେଲି କେମିତି ? ଏଇଠେ ହାର୍ ମାନିଗଲୁ, ଶୋଭି।"

"ସେଦିନ ଶୋଭି ବହୁତ ଭାବିଲା। ଏକଥା କେମିତି ସମ୍ଭବ ହେଲା ? ଶିଉଳି ଗଛ, ଶିଝୁ ଗଛ, ଓସ୍ତ ଗଛ, ବରଗଛ; ଏସବୁ ତ ଗଛ। ଶିଉଳିର ବର ସହିତ କ'ଣ ସମ୍ପର୍କ ? ଦିହେଁ ତ ଏକା ରକମର ଦିଶୁ ନାହାନ୍ତି ?

Digitized by srujanika@gmail.com

# କୁମ୍ଭାର ଗଢ଼ିଲା ହାଣ୍ଡି ମାଠିଆ

ଶୋଭା ଜେଜେମା ସାଙ୍ଗରେ ମନ୍ଦିରକୁ ଯାଇଥିଲା । ସେଠାରେ ଜଣେ ବାବା ପ୍ରବଚନ ଦେଇ ଲୋକଙ୍କୁ ଧର୍ମ ବିଷୟରେ ବୁଝାଉଥିଲେ । ସେ 'କୁମ୍ଭକାର' ବିଷୟରେ କହୁଥିଲେ ।

ଯଦି ହାଣ୍ଡି ଅଛି, ତେବେ କୁମ୍ଭାର ଅଛି ।

'କୁମ୍ଭକାର' ଶବ୍ଦର ଅର୍ଥଟାକୁ ଶୋଭା ଧରି ପାରିଲା ନାହିଁ । ସେ ତା' ଜେଜେମାକୁ ପଚାରିଲା । 'କୁମ୍ଭାର' ବୋଲି ଜେଜେମା କହିଦେଲେ ।

ବାବା ଭଗବାନଙ୍କୁ କୁମ୍ଭାର ସହ ତୁଳନା କରୁଥିଲେ । କୁମ୍ଭାର ହାଣ୍ଡି, ମାଠିଆ, ଠେକି ଇତ୍ୟାଦି ଅନେକ କିସମର ଜିନିଷ ଗଢ଼ିଦିଏ । ଭଗବାନ ସେପରି ସାରା ଦୁନିଆକୁ ଗଢ଼ି ଦେଇଛନ୍ତି । ସେ ପୃଥିବୀକୁ ଗଢ଼ିଛନ୍ତି, ଆକାଶକୁ ଗଢ଼ିଛନ୍ତି, ଆକାଶରେ ସୂର୍ଯ୍ୟ, ଚନ୍ଦ୍ର

Digitized by srujanika@gmail.com

ଓ ତାରାମାନଙ୍କୁ ଗଢ଼ିଛନ୍ତି । ସେ ନଦୀ, ସମୁଦ୍ର ଗଢ଼ିଛନ୍ତି । ସେଥିରେ ମାଛ, କୁମ୍ଭୀର, ମଗର, ଶାମୁକା ଓ ଶଙ୍ଖକୁ ଗଢ଼ିଛନ୍ତି । ସେ ଗଛବୃକ୍ଷ, ଲତା, ଜଙ୍ଗଲ ତିଆରି କରିଛନ୍ତି; ତା' ଭିତରେ ସେ ବାଘ, ସିଂହ, ଭାଲୁ, ହାତୀ, ମିରିଗ, ଶିଆଳ, ମାଙ୍କଡ଼ ଇତ୍ୟାଦିକୁ ଗଢ଼ିଛନ୍ତି; ସେ ମୟୂରକୁ ଗଢ଼ିଛନ୍ତି; କୋଇଲି, ହଳଦୀବସନ୍ତ, କୁଆ ଓ ପାରିକୁ ଗଢ଼ିଛନ୍ତି; ସେ ମଣିଷକୁ ଗଢ଼ିଛନ୍ତି; ଝିଅ, ପୁଅ, ସ୍ତ୍ରୀ, ପୁରୁଷ, ସମସ୍ତଙ୍କୁ ଗଢ଼ିଛନ୍ତି । ଭଗବାନଙ୍କର ଇଚ୍ଛା ହେଲା, ସେ ଖେଳ ଖେଳିବାକୁ ଚାହିଁଲେ । ସେ ଏ ସମସ୍ତଙ୍କୁ ଗଢ଼ିଲେ । ସାରା ଜଗତକୁ ସେ ସର୍ଜନା କଲେ ।

ଶୋଭା ପଚାରିଲା, "ଜେଜେମା, ଭଗବାନ ଏ ସମସ୍ତଙ୍କୁ କେତେ ସମୟରେ ଗଢ଼ିଲେ ?"

"ସାଙ୍ଗେ ସାଙ୍ଗେ ତ ଗଢ଼ି ଦେଲେ; ଆଖିପିଛୁଳାକେ ଗଢ଼ିଦେଲେ, କେତେ ସମୟ କଥା ପଚାରୁଚୁ କ'ଣ ନାତୁଣୀ ?"— ଜେଜେମା କହିଲେ ।

ଶୋଭା ଆଶ୍ଚର୍ଯ୍ୟ ହୋଇଗଲା । ସତରେ ଆଖି ପିଛୁଳାକେ ଭଗବାନ୍ ସାରା ଦୁନିଆଁକୁ ଗଢ଼ିଦେଲେ ।

"ଜେଜେମା, ଭଗବାନଙ୍କୁ କ'ଣ କୁହୁକ-ବିଦ୍ୟା ମାଲୁମ୍ ? ବିନା ଯାଦୁରେ ସେ ଏହା କଲେ କେମିତି ?"—ଶୋଭା ପଚାରିଲା ।

"ଶୋଭା, ତୁ କି ପାଠ ପଢ଼ୁଚୁଲୋ ? କିଛି ଜାଣୁ ନାହିଁ । ଅମଙ୍ଗଳ କଥା ଗୁଡ଼େ କହୁଚୁ, ଆଲୋ, ଭଗବାନ୍ଙ୍କୁ ଏମିତି

Digitized by srujanika@gmail.com

କହନ୍ତି ? ସେ କ'ଣ ସେଇ ସରକାର ଜାଦୁବାଲା ? ଆଲୋ, ତାଙ୍କ ପାଖରେ ଅସୀମ ଶକ୍ତି ଅଛି । ସେଇ ଶକ୍ତି ବଳରେ ସେ ଯାହା ଚାହିଁବେ ତାହା କରିବେ ।"—ବୁଢ଼ୀ ଆଖି ତରାଟି ନିଜର ବିଶ୍ୱାସର କଥା କହିଲେ ।

ଶୋଭା ତୁନି ହୋଇ ବସିଗଲା । ବୁଢ଼ୀ କିଛି କୁହୁକ କଥା କହିବ ବୋଲି ସେ ଭାବିଥିଲା । ଦେଖିଲା ବେଳକୁ ସେ କୁହୁକ ଫୁହୁକ କଥା ଛାଡ଼ି ଦେଇ ଆଉରି କ'ଣ କଥା କହିଲା ।

କିଛି ସମୟ ପରେ ଶୋଭା କହିଲା, "ଜେଜେମା, ତୋତେ ଆଉ ଗୋଟେ କଥା ପଚାରିବି ?"

"ହଜାରେ କଥା ଚାହିଁଲେ ପଚାରିବୁ । ଗୋଟେ କଥା କ'ଣ କହୁଚୁ ? ଆଲୋ ପଚାରୁନୁ !"—ଜେଜେମା ଶୋଭାର କାନ୍ଧରେ ହାତ ରଖି କହିଲେ ।

"ଜେଜେମା, କୁମ୍ଭାର ସିନା ମାଟିକୁ ନେଇ ହାଣ୍ଡି କରେ । ଭଗବାନ୍ କ'ଣ ନେଇ ଆମମାନଙ୍କୁ ତିଆରି କଲେ ?"

ଶୋଭାର ଏଇ ପ୍ରଶ୍ନକୁ ଶୁଣି ଜେଜେମା ଟିକିଏ ହରବର ହେଇଗଲେ । ସେ ବୁଢ଼ୀ ହେଲେଣି । ବହୁତ କଥା ଅଙ୍ଗେ ଲିଭେଇଛନ୍ତି । ଠାକୁରଙ୍କ ବିଷୟରେ ସେ ଅନେକ କଥା ଭାବିଛନ୍ତି । ଅନେକ ପଣ୍ଡିତଙ୍କ ପ୍ରବଚନ ସେ ଶୁଣିଛନ୍ତି । କିନ୍ତୁ କେବେ ଏଇ କଥାଟା ତାଙ୍କ ମୁଣ୍ଡକୁ ତ ଯୋଚି ନ ଥିଲା !! ତା'ମାନେ କ'ଣ ଆଜି ଯୁଗରେ ପିଲାମାନେ ବୁଢ଼ାବୁଢ଼ୀଙ୍କଠୁ ବେଶୀ ଚାଲାକ୍ !

Digitized by srujanika@gmail.com

|| ୧୭ ||

ବୁଢ଼ୀ ନିଜକୁ ନିଉନ କରିବାକୁ ଚାହିଁଲେ ନାହିଁ । "ଛୋକରୀଟେ ତାଙ୍କ ଠାରୁ ବେଶୀ ଚାଲାକ କାହିଁକି ହେବ ମ ?"

ଜେଜେମା କଥାର ଧାରାଟାକୁ ମୋଡ଼ି ଦେଲେ । ପ୍ରଶ୍ନର ଉତ୍ତରକୁ ସାଙ୍ଗେ ସାଙ୍ଗେ ଦବାକୁ ସେ ବାଆଁରେଇ ଦେଲେ । ସେ ଅନ୍ୟ କଥା ପକେଇଲେ । ଆଜିର ମାଛ-ତରକାରିଟା କେମିତି ଲାଗୁଥିଲା, ତା' ବିଷୟରେ ପଚାରିଲେ । ତଥାପି ମନେ ମନେ ସେ ଶୋଭାର ପ୍ରଶ୍ନର ଉତ୍ତର କ'ଣ ହେବ, ଖୋଜି ବୁଲୁଥିଲେ ।

ବୁଢ଼ୀମା ପୁଣି ମାଛ ତରକାରି କଥାକୁ ପଛରେ ଛାଡ଼ିଦେଇ କୁମ୍ଭାରର ହାଣ୍ଡିମାଠିଆ କଥାକୁ ଫେରିଆସିଲେ ସେ କହିଲେ; "ଅଇଲୋ ଶୋଭା, କୁମ୍ଭାର ଗୋଟେ ମଣିଷ । ତା'ର ଶକ୍ତି କେତେ, ବୁଦ୍ଧି କେତେ ? ସେ ହାଣ୍ଡିକୁ ଶୂନ୍ୟରୁ ତିଆରି କରି ପାରିବ ନାହିଁ । କିନ୍ତୁ ଭଗବାନଙ୍କ ପାଇଁ କଥାଟା ନିଆରା, ଝିଅ । ଏତେ ବଡ଼ ଜଗତଟାକୁ ପ୍ରଭୁ ଶୂନ୍ୟରୁ ତିଆରି କରି ଦେଲେ ।"

"ଏଇ କଥାଟାକୁ ମାନିବି ନାହିଁ, ଜେଜେମା । ଯଦି ଆମ ପାଇଁ ଶୂନ୍ୟରୁ କିଛି ତିଆରି ହେବ ନାହିଁ, ଭଗବାନଙ୍କ ପାଇଁ ତାହା କାହିଁକି ସମ୍ଭବ ହେବ ?"—ଶୋଭା ମୁଣ୍ଡ ହଲେଇ ହଲେଇ କହିଲା ।

Digitized by srujanika@gmail.com

# ରବିବାର ଛୁଟି

ରବିବାର ଛଡ଼ା ଅନ୍ୟ ଦିନମାନଙ୍କରେ ଶୋଭା ତା' ମା'ଙ୍କ ପାଖରେ ବେଶୀ ସମୟ ରହି ପାରେ ନାହିଁ । ଶୋଭା ନିଜେ ସ୍କୁଲକୁ ଚାଲିଯାଏ । ତା ମା' ମଧ୍ୟ କଲେଜକୁ ଚାଲି ଯାଆନ୍ତି ।

ଶୋଭାର ମା' କଲେଜରେ ଜଣେ ଅଧ୍ୟାପିକା । ସେ ଜୀବ-ବିଜ୍ଞାନ ପଢ଼ାନ୍ତି । ଦିନେ ଶୋଭା ତା'ର ମା'ଙ୍କୁ ପଚାରିଲା, "ରବିବାର ଛୁଟି ହୁଏ କାହିଁକି ମା' କହିଲୁ ?"

ଶୋଭାର ପ୍ରଶ୍ନର ଉତ୍ତର ମା' ଜାଣିଥିଲେ । ତଥାପି ସେ ଅନ୍ୟ ପ୍ରକାରେ ଉତ୍ତର ଦେଲେ । ପ୍ରତି ଦିନ କାମ କରି କରି ମଣିଷ ଥକିଯାଏ । ତା'ର ଦେହ ଥକିଯାଏ, ମନ ଥକିଯାଏ । ସେ ବିଶ୍ରାମ ଚାହେଁ । ସପ୍ତାହରେ ଛଅ ଦିନ, ସୋମବାରଠାରୁ ଶନି-ବାର ଯାଏଁ, କାମ କରିବା ପରେ ମଣିଷ ଗୋଟେଦିନ ବିଶ୍ରାମ ଚାହେଁ । ସେଇଥିପାଇଁ ରବିବାରଟା ଛୁଟି । କାମ ଦିନମାନଙ୍କରେ ଲୋକେ ଅଫିସକୁ ଯାଆନ୍ତି, ସ୍କୁଲ କଲେଜକୁ ଯାଆନ୍ତି, କାରଖାନାକୁ ଯାଆନ୍ତି । ଆଉ କେତେଗୁଡ଼େ ଘରୋଇ କାମକୁ ଏଇ ଦିନମାନଙ୍କରେ ସେମାନେ କରିପାରନ୍ତି ନାହିଁ । ଘର ସଫା କରିବା, ଲୁଗା ସଫା କରିବା, ଇତ୍ୟାଦି କାମକୁ ସେମାନେ ରବିବାର ଦିନ କରନ୍ତି । ମନ ବଦଳେଇବା ପାଇଁ ଲୋକେ ସିନେମା, ନାଟକ ଦେଖିବାକୁ ଚାହାନ୍ତି । କେହି କେହି ବନ୍ଧୁ ବାନ୍ଧବଙ୍କ ଘରକୁ ଯାଆନ୍ତି, ସେମାନଙ୍କୁ ଭେଟନ୍ତି, ସୁଖଦୁଃଖ କଥା ହୁଅନ୍ତି । ଲୋକେ ବଣଭୋଜି କରିବାକୁ ଯାଆନ୍ତି,

Digitized by srujanika@gmail.com

ଚଡ଼ିଆଖାନା ଦେଖିବାକୁ ଯାଆନ୍ତି । ଏଇସବୁ କାମ ପାଇଁ ସପ୍ତାହରେ ଗୋଟିଏ ଦିନ ଛୁଟି କରାଯାଏ, ଏଇ ସବୁ କଥା ବୁଝେଇ ଦେଇ ସାରିଲା ପରେ ଶୋଭିର ମା' ଧରିନେଲେ ଯେ ଝିଅ ତା' ପ୍ରଶ୍ନର ଉତ୍ତର ପାଇଗଲା ।

କିନ୍ତୁ ଶୋଭିର ମନ ମାନିଲା ନାହିଁ । ସେ ମାଆଙ୍କୁ ପଚାରିଲା, "ଛୁଟି ରବିବାର ଦିନ ନ ହୋଇ ଅନ୍ୟ ଗୋଟେ ଦିନ ହେଇ ପାରି ଥାଆନ୍ତା; ମନେକର, ବୁଧବାର ଦିନ ନ ହେଲା କାହିଁକି ?"

"ହଁ, ଶୋଭି, ବୁଧବାର ଦିନ ବି ହେଇପାରି ଥାଆନ୍ତା । ସପ୍ତାହରେ ଗୋଟେ ଦିନ ଛୁଟି ପାଇଲେ ହେଲା । ରବିବାର ଦିନକୁ ଛୁଟି କରାଇବା ଗୋଟେ ପ୍ରଥା ହୋଇ ଯାଇଛି । ସେଥିପାଇଁ ଆମେ ରବିବାର ଛୁଟି ପାଉ ।"—ମା' ଉତ୍ତର ଦେଲେ ।

ସ୍କୁଲରେ ଯାହା ଶୁଣିଥିଲା, ଶୋଭି ମା'ଙ୍କ ଆଗରେ ସେଇ କଥା କହିଲା । ଶିକ୍ଷୟିତ୍ରୀ ଧର୍ମଶିକ୍ଷା ଦେଉଥିଲେ । ସେ ବାଇବେଲରୁ କିଛି ପଢ଼ି ବୁଝଉ ଥିଲେ । ଭଗବାନ୍ କିପରି ଦୁନିଆକୁ ତିଆରି କଲେ, ସେଇ କାହାଣୀ ସେ ପଢ଼ଉଥିଲେ । ଶୋଭି ଯାହା ମନେ ରଖିଥିଲା, ସବୁ ମା'ଙ୍କ ଆଗରେ କହିଲା ।

ଆଗେ ଏ ଜଗତଟା ନ ଥିଲା । କେବଳ ଭଗବାନ୍ ଥିଲେ । ପୃଥିବୀ ନଥିଲା, ଜୀବଜନ୍ତୁ ଓ ଗଛଲତା ନ ଥିଲେ, ଜଣେ ହେଲେ ବି ମଣିଷ ନ ଥିଲା ।

Digitized by srujanika@gmail.com

ପ୍ରଥମେ ଭଗବାନ୍ ପୃଥିବୀ ଓ ସ୍ୱର୍ଗକୁ ତିଆରି କଲେ । ଭଗବାନ୍ କହିଲେ, "ଆଲୋକ ତିଆରି ହେଉ" । ଆଲୁଅ ଜନମ ପାଇଲା । ଆଲୁଅ ଅନ୍ଧାରରୁ ଅଲଗା ହେଲା । ଏହା ପ୍ରଥମ ଦିନ ଘଟିଲା ।

ଦ୍ୱିତୀୟ ଦିନ ଭଗବାନ୍ ପୃଥିବୀର ମାଟି ଓ ପାଣିକୁ ତିଆରି କଲେ । ପାଣି ଠୁଳ ହୋଇଥିବା ଜାଗାକୁ ସମୁଦ୍ର କୁହାଗଲା । ଶୁଖିଲା ଛିପ ଜାଗାକୁ ଭୂମି ବା ଭୂଇଁ କୁହାଗଲା ।

ତୃତୀୟ ଦିନରେ ଭଗବାନ୍ ପୃଥିବୀରେ ଘାସ, ଗଛ, ଲତା, ଫଳଗଛ ତିଆରି କଲେ । ପୃଥିବୀରେ ବର୍ତ୍ତମାନ ଯେତେ ଗଛ ଅଛି, ସେ ସବୁ ତୃତୀୟ ଦିନରେ ତିଆରି ହେଲା ।

ଚତୁର୍ଥ ଦିନରେ ଭଗବାନ୍ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କୁ ତିଆରି କଲେ । ଦିନବେଳେ ସୂର୍ଯ୍ୟ ପୃଥିବୀକୁ ଆଲୁଅ ଦେଲା । ରାତି ବେଳେ ଜହ୍ନ ପୃଥିବୀକୁ ଆଲୁଅ ଦେଲା ।

ପଞ୍ଚମ ଦିନରେ ଭଗବାନ୍ ସମୁଦ୍ରରେ ଜଳଜୀବ ସୃଷ୍ଟି କଲେ । ସେହି ଦିନ ସେ ପକ୍ଷୀମାନଙ୍କୁ ସୃଷ୍ଟି କଲେ । ଆଜି ପାଣିରେ ଯେତେ ଜୀବ ଅଛନ୍ତି, ମାଛ, କଇଁଚ, ସାପ, କୁମ୍ଭୀର, ତିମି, ଇତ୍ୟାଦି ଯେତେ ଜୀବ ପାଣିରେ ବାସ କରୁଛନ୍ତି, ସେମାନେ ସମସ୍ତେ ସେହି ପଞ୍ଚମ ଦିନରେ ଜାତ ହେଲେ । ଆଜି ଯେତେ ପକ୍ଷୀ ଅଛନ୍ତି, ଘରଚଟିଆଠାରୁ ଆରମ୍ଭ କରି ଶୁଆ, ପାରା, କୁକୁଡ଼ା, ମୟୂର, ଶାଗୁଣା ଏବଂ ଅନ୍ୟ ପକ୍ଷୀମାନେ ପଞ୍ଚମ ଦିନରେ ତିଆରି ହେଲେ ।

Digitized by srujanika@gmail.com

ଷଷ୍ଠ ଦିନରେ ଭଗବାନ୍ ଭୂମି ଉପରେ ବାସ କରୁଥିବା ପ୍ରାଣୀମାନଙ୍କୁ ତିଆରି କଲେ । ସେ ଗାଈ, ମଇଁଷି, ଛେଳି, ମେଣ୍ଢା, କୁକୁର, ଶିଆଳ, ହରିଣ, ବାଘ, ଭାଲୁ, ହାତୀ, ସିଂହ ଆଦି ସବୁ ସ୍ଥଳଚର ପ୍ରାଣୀଙ୍କୁ ଷଷ୍ଠ ଦିନରେ ତିଆରି କଲେ । ସେହି ଷଷ୍ଠ ଦିନରେ ସେ ମଣିଷକୁ ତିଆରି କଲେ ।

ସପ୍ତମ ଦିନରେ ଭଗବାନ ବିଶ୍ରାମ ନେଲେ । ସେ ଦିନ ସେ ଥକା ମାରିଲେ; କିଛି କାମ କଲେ ନାହିଁ । ଏହି ସପ୍ତମ ଦିନଟି ରବିବାର । ଏହି ରବିବାର ଦିନଟିକୁ ପ୍ରଭୁ ପବିତ୍ର କରିଦେଲେ ।

"ମା ବର୍ତ୍ତମାନ ବୁଝିଲୁ କି ନାହିଁ ?"—ଶୋଭା ପଚାରିଲା ।

"କୋଉ କଥା ?"

"ତୁ ଭୁଲି ଗଲୁ, ମା' । ମୁଁ ତୋତେ ପଚାରିଥିଲି, 'ରବିବାର ଦିନ ଛୁଟି ହୁଏ କାହିଁକି ?' ତୁ ତ କହି ପାରିଲୁ ନାହିଁ । ଆଉ ମୁଁ କହିଲି ବେଳକୁ ତୁ ଧରି ପାରୁ ନାଉଁ । ' ଭଗବାନ ରବିବାର ଦିନ ବିଶ୍ରାମ ନେଇଥିଲେ । ଆମେ ସେଇ ଦିନ ବିଶ୍ରାମ ନେବା । ରବିବାରଟି ହେବାର କାରଣ ଏୟା, ମା' । ବର୍ତ୍ତମାନ ବୁଝିଲୁ ?"

"ହଁ, ବୁଝିଲି, ଶୋଭା ।"

"ମୋ କଥା କିନ୍ତୁ ସରି ନାଇଁ, ମା' ।"

"ପୁଣି କି କଥା କହିବୁ ?"

Digitized by srujanika@gmail.com

"ଆଲୋ, ମଣିଷ-ତିଆରି କଥା ସିନା କହିଲ । ସ୍ତ୍ରୀ ଓ ପୁରୁଷ ତିଆରି ହବା କଥା ତ କହି ନାହିଁ ।"

"ସେଇ କଥାଟି କ'ଣ, ତୁ କହିବୁ ।"—ମା' କିଛି ନ ଜାଣିଲା ଭଳିଆ ଉତ୍ତର ଦେଲେ । ସ୍କୁଲରେ ଶିକ୍ଷୟିତ୍ରୀଙ୍କ-ଠାରୁ ଶୋଭା ଯାହା ଶୁଣିଥିଲା, ତାକୁ ମା'ଙ୍କ ଆଗରେ ନିଠେଇ ନିଠେଇ କହିଲା । ମା' ହୁଁ ହୁଁ କରୁଥିଲେ ।"

ଭଗବାନ ଭୂମିର ଧୂଳିରୁ ମନୁଷ୍ୟକୁ ତିଆରି କଲେ । ମନୁଷ୍ୟର ନାକପୁଡ଼ାରେ ପ୍ରଭୁ ପ୍ରାଣବାୟୁକୁ ଫୁଙ୍କି ଦେଲେ । ଫଳରେ ମନୁଷ୍ୟ ଜୀବନ ପାଇଲା । ସେହି ମନୁଷ୍ୟଟି ପୁରୁଷ ଥିଲା । ତା'ର ନାମ ଆଡ଼ାମ୍ ।

ପ୍ରଭୁ ଏଡ଼େନର ପୂର୍ବ ଦିଗରେ ଏକ ଉଦ୍ୟାନ ତିଆରି କଲେ । ଏହି ବଗିଚାରେ ସେ ଅନେକ ସୁନ୍ଦର ଗଛ ଲଗେଇ ଦେଲେ । ସେଥିରେ ଅନେକ ଫଳଗଛ ରହିଲା । ଗଛଗୁଡ଼ିକ ଦେଖିବାକୁ ସୁନ୍ଦର । ଗଛଗୁଡ଼ିକର ଫଳ ଖାଇବାକୁ ସୁଆଦ । ବଗିଚାର ମଝିରେ ଦୁଇଟି ଗଛ ରହିଲା । ସେଥିରୁ ଗୋଟିଏ ଗଛ ଜୀବନ-ଗଛ ଥିଲା ; ଆଉ ଗଛଟି ଭଲମନ୍ଦ ଜାଣିବାର ଜ୍ଞାନବୃକ୍ଷ ଥିଲା । ଏହି ବଗିଚାରେ ପ୍ରଭୁ ମନୁଷ୍ୟକୁ ଛାଡ଼ିଦେଲେ ।

ଏଡ଼େନରୁ ଗୋଟିଏ ନଈ ବାହାରିଲା । ନଈଟି ବଗିଚା ଭିତର ଦେଇ ଗଲା । ଏହି ନଈର ପାଣି ବଗିଚାରେ ମାଡ଼ିଲା । ନଈର ପାଣି ପାଇ ବଗିଚାର ଗଛମାନେ ବଢ଼ିଲେ । ବଗିଚାକୁ ଛାଡ଼ିଲା ପରେ ନଈଟି ଚାରୋଟି ଶାଖା-ନଦୀରେ ଭାଗ

Digitized by srujanika@gmail.com

ହୋଇଗଲା । ଏହି ଚାରୋଟି ଶାଖାର ନାଁ ରହିଲା ପିଶନ୍, ଗିହନ, ଟାଇଗ୍ରୀସ୍ ଏବଂ ୟୁଫ୍ରେଟ୍ସ ।

ଭଗବାନ୍ ମନୁଷ୍ୟକୁ ବଗିଚା ଭିତରେ ଛାଡ଼ିଦେଇ କେତୋଟି ଉପଦେଶ ଦେଲେ । ସେ ଜମି ଚାଷ କରିବ, ଫଳ-ଗଛଗୁଡ଼ିକର ଯତ୍ନ ନବ । ସେ ଗୋଟିଏ ଗଛର ଫଳ ଛଡ଼ା ଆଉ ସବୁ ଫଳ ଖାଇ ପାରିବ । ଭଲମନ୍ଦ ଜାଣିବାର ଜ୍ଞାନବୃକ୍ଷର ଫଳକୁ ସେ ଖାଇବ ନାହିଁ । ସେ ଗଛଟି ବାରଣ-ଗଛ । ଯଦି ସେ ସେଇ ଗଛର ଫଳକୁ ଖାଇଦିଏ, ତେବେ ସାଙ୍ଗେ ସାଙ୍ଗେ ସେ ମରିଯିବ ।

ଭଗବାନ ପୁରୁଷ ଲୋକଟି ପ୍ରତି ଦୟା କଲେ । ବିଚରା ଏଡ଼େବଡ଼ ବଗିଚାରେ ଏକୁଟିଆ ବୁଲିଲା । ତା' ସାଙ୍ଗରେ କେହି ନ ଥିଲେ । ତାକୁ ଜଣେ ସାଥି ଦେବାକୁ ପ୍ରଭୁ ବିଚାର କଲେ ।

ଆଡ଼ାମ୍‌କୁ ପ୍ରଭୁ ଅଚେତା କରି ଦେଲେ । ସେତିକି-ବେଳେ ସେ ଲୋକଟିର ଛାତିକୁ କାଟି ତା ଛାତିରୁ ପଞ୍ଜରା-ହାଡ଼ ଖଣ୍ଡିଏ ବାହାର କରିନେଲେ । ତା' ପରେ କଟା ହୋଇଥିବା ଜାଗାଟିକୁ ସେ ମାଂସ ଦ୍ୱାରା ଭରି ଦେଲେ ।

ପ୍ରଭୁ ପଞ୍ଜରା-ହାଡ଼ ଖଣ୍ଡିକୁ ନେଇ ତାକୁ ଗୋଟିଏ ସ୍ତ୍ରୀ କରିଦେଲେ । ସ୍ତ୍ରୀଲୋକଟିର ନାଁ ଇଭ୍ ରହିଲା ।

ଆଡ଼ାମ୍ ଓ ଇଭ୍ ଲୁଗା ପିନ୍ଧି ନ ଥିଲେ । ସେମାନେ ନଙ୍ଗଳା ହୋଇ ବୁଲିଲେ । ଦି' ଜଣ ଯାକ ନଙ୍ଗଳା ହୋଇ ରହିଲେ ବି ଲାଜ କରୁ ନଥିଲେ । ସେମାନେ ନଙ୍ଗଳା ଥିଲେ ବୋଲି ଜାଣି ନ ଥିଲେ ।

Digitized by srujanika@gmail.com

ବଗିଚ୍ଚରେ ଥିବା ଗୋଟେ ସାପ ଇଭ୍‌କୁ ଶିଖେଇଲା । ଭଲମନ୍ଦ ଜାଣିବା ଜ୍ଞାନବୃକ୍ଷର ଫଳକୁ ଖାଇବାକୁ ସେ ଇଭ୍‌କୁ ମଡେଇଲା ।

ଚିତ୍ର ୪—ବାଇବେଲ୍ ଅନୁସାରେ ପ୍ରଥମ ନାରୀ ଓ ପୁରୁଷ— ଇଭ୍ ଓ ଆଡ଼ାମ୍

ଇଭ୍ ରାଜି ହୋଇଗଲା । ଜ୍ଞାନବୃକ୍ଷର ଫଳକୁ ଖାଇବା ପାଇଁ ତା'ର ଲୋଭ ହେଲା । ସେ ଜ୍ଞାନବୃକ୍ଷର ଫଳକୁ ତୋଳିଲା । ସେ ନିଜେ ଖାଇଲା, ତା'ର ସ୍ୱାମୀ ଆଡ଼ାମ୍‌କୁ ଖୁଏଇଲା ।

Digitized by srujanika@gmail.com

ଏହି ଘଟନା ପରେ ଆଡ଼ାମ୍ ଓ ଇଭ୍ ଦେଖି ପାରିଲେ । ସେମାନଙ୍କର ଆଖି ଖୋଲି ଗଲା । ସେମାନେ ଲଙ୍ଗଳା ହୋଇଛନ୍ତି ଜାଣି ଲାଜ କଲେ । ଡିମିରି ଗଛର ଡାଳପତ୍ର ଆଣି ଦୁ' ଜଣ ଅଣ୍ଟାରେ ବାନ୍ଧିଲେ ।

ପ୍ରଭୁ ରାଗିଗଲେ । ଜ୍ଞାନବୃକ୍ଷର ଫଳକୁ ନ ଖାଇବାକୁ ସେ ଆଡ଼ାମ୍‌କୁ ବାରମ୍ବାର କହିଥିଲେ । ସେ ସତର୍କ କରେଇ ଦେଇଥିଲେ । ଏହି ଗଛର ଫଳକୁ ବାରଣ କରିଥିଲେ । ତଥାପି ଆଡ଼ାମ୍ ଓ ଇଭ୍ ମାନିଲେ ନାହିଁ ।

ପ୍ରଭୁ ସାପକୁ ଅଭିଶାପ ଦେଲେ । ସେ ଆଡ଼ାମ୍ ଓ ଇଭ୍‌କୁ ଅଭିଶାପ ଦେଲେ ।

ପ୍ରଥମେ ଆଡ଼ାମ୍ ଓ ଇଭ୍ ଦୁଇ ଜଣ ଲୋକ ଥିଲେ । ଜଣେ ପୁରୁଷ, ଆଉ ଜଣେ ସ୍ତ୍ରୀ । ସେମାନଙ୍କର ପିଲା ଜନ୍ମ ହେଲେ । ସେହି ପିଲାମାନଙ୍କର ପିଲା ଜନ୍ମ ହେଲେ । କାଳକ୍ରମେ ପୃଥିବୀରେ ଅନେକ ଲୋକ ହେଲେ ।

ମାତ୍ର ଦୁଇଟି ଲୋକରୁ ଆଜି ପୃଥିବୀରେ ଏତେ ଲୋକ ଜନ୍ମ ହୋଇ ପାରିଛନ୍ତି । ଆଜି ପୃଥିବୀରେ ଲୋକସଂଖ୍ୟା ବଢ଼ି ଯାଇଛି । ଆମେମାନେ ସମସ୍ତେ ଆଡ଼ାମ୍ ଓ ଇଭ୍‌ର ବଂଶଧର ।

ବାଇବେଲ୍ କଥା କହି ସାରିଲା ପରେ ଶୋଭା ମା'ଙ୍କୁ କହିଲା, "ମା', ବୁଝି ପାରିଲୁ ?"

"ବୁଝି ପାରିଲି ଝିଅ । ମାତ୍ର ଆମର ଜୀବ-ବିଜ୍ଞାନ ପାଠ ଅନ୍ୟ କଥା କହେ । ଦିନେ ମୁଁ ତୋତେ ଆମ ପାଠ କଥା କହିବି । ତୁ ବୁଝିବୁ ।" ମୁରୁକି ହସି ଦେଇ ମା' କହିଲେ ।

Digitized by srujanika@gmail.com

# ବାପ-ଝିଅଙ୍କ କାହାଣୀ

ଶୋଭା ତା' ବାପାଙ୍କ ସାଙ୍ଗରେ ସକାଳ ଜଳଖିଆ ଖାଉଥିଲା । ସୋମବାର ସକାଳ । ବାପା ଅଫିସକୁ ଯିବେ । ତାଙ୍କ ହାତରେ ଆଉ ଅଧ ଘଣ୍ଟା ସମୟ ଅଛି ।

ବାପା ଶୋଭାକୁ ପଚାରିଲେ, "କାଲି ମା'ଙ୍କ ସାଙ୍ଗରେ କ'ଣ କଥାବାର୍ତ୍ତା ହେଉଥିଲୁ, ଝିଅ ?"

"ଆଡ଼ାମ୍ ଆଉ ଇଭ୍ କଥା ।"—ଶୋଭା ଉତ୍ତର ଦେଲା ।

"ଆମର ବ୍ରହ୍ମା ଓ ଶତରୂପା କଥା ତୁ ଶୁଣି ନାହୁଁ, ଶୋଭା ?"

"ମୋତେ କେହି କହି ନାହାନ୍ତି, ବାପା । ବ୍ରହ୍ମା ଓ ଶତରୂପା କ'ଣ କଲେ, ତୁମେ ମୋତେ କୁହ ।"

ଜଳଖିଆ ଖାଇଲା ବେଳେ ବାପା ଶୋଭା ଆଗରେ ବ୍ରହ୍ମା ଓ ଶତରୂପା ବିଷୟରେ କହିଲେ ।

ଈଶ୍ୱର ଏକ । ସେ ଦୁଇ, ତିନି କିମ୍ବା ଅନେକ ନୁହନ୍ତି । ମାତ୍ର ସେହି ଏକ ଈଶ୍ୱରଙ୍କୁ ଆମେ ତିନି ଈଶ୍ୱର ଭାବରେ ଦେଖୁ । ଗଢ଼ିବା କାମ, ଜଗତକୁ ତିଆରି କରିବା କାମ ଦେଖିଲା ବେଳେ ଆମେ ଈଶ୍ୱରଙ୍କୁ ବ୍ରହ୍ମା ବୋଲି କହୁ । ଭାଙ୍ଗିବା କାମ ଦେଖିଲା ବେଳେ ଆମେ ତାଙ୍କୁ ରୁଦ୍ର ବୋଲି କହୁ । ପାଳିବା କାମ ଦେଖିବା ବେଳେ ଆମେ ତାଙ୍କୁ ବିଷ୍ଣୁ ବୋଲି କହୁ ।

Digitized by srujanika@gmail.com

ବ୍ରହ୍ମା ଏକ ଥିଲେ । ସେ ଦ' ଫାଳ ହୋଇଗଲେ । ବଡ଼ ଫାଳଟି ବ୍ରହ୍ମା ହୋଇ ରହିଲେ । ଛୋଟ ଫାଳଟି ଶତରୂପା ହେଲା ।

ଶତରୂପାକୁ ବ୍ରହ୍ମାଙ୍କର ଝିଅ ବୋଲି କୁହାଗଲା, ଯଦିଓ ଶତରୂପା ବ୍ରହ୍ମାଙ୍କ ଦେହରୁ ବାହାରିଲା, ଗଠନ ଓ ଗୁଣ ଦୃଷ୍ଟିରୁ ଦୁହେଁ ବିପରୀତ ଥିଲେ ।

ବଡ଼ ବିଚିତ୍ର କଥା ହେଲା । ସମାନ ଗୁଣ ହେଲେ ଲୋକେ ମିଶନ୍ତି । ଏକାପରିକା ପକ୍ଷୀମାନେ ଏକାଠି ହୁଅନ୍ତି । କୁଆମାନେ ଗୋଟେ ଜାଗାରେ ବସନ୍ତି ତ ବଗମାନେ ଆଉ ଗୋଟେ ଜାଗାରେ । ଘରଚଟିଆମାନେ ଗୋଟେ ଚାଳରେ ରହନ୍ତି ତ ବାଇ-ଚଢ଼େଇମାନେ ଗୋଟେ ଗଛରେ ବସା ବାନ୍ଧି ଝୁଲୁଥାଆନ୍ତି । ମାତ୍ର ବ୍ରହ୍ମା ଓ ଶତରୂପା ବିପରୀତ ଗୁଣରେ ହେଲେ ସୁଦ୍ଧା ଦିହେଁ ପରସ୍ପରକୁ ଭଲ ପାଇଲେ । ଦିହିଁଙ୍କ ଭିତରେ ଆକର୍ଷଣ ରହିଲା ।

ବାପ ଝିଅ ବାହାହେଲେ । ସେମାନେ ପିଲା ଜନ୍ମ କଲେ । ସେମାନଙ୍କର ପିଲାମାନେ ପିଲା ଜନ୍ମ କଲେ । ଏଇପରି ଭାବରେ ସୃଷ୍ଟି ହେଲା ।

ବାପାଙ୍କଠାରୁ କାହାଣୀଟିକୁ ଶୁଣି ସାରିଲା ପରେ ଶୋଭା କହିଲା, "କଥାଟା ଭଲ ହେଲା ନାହିଁ, ବାପା ।"

"ମୁଁ ବୁଝୁଚି, ତୋତେ କାହିଁକି ଭଲ ଲାଗିଲା ନାହିଁ । ବାପ ଝିଅ ବାହାହେଲେ ବୋଲି କହି ଦେଲି । ଏଇ କଥାଟାକୁ

Digitized by srujanika@gmail.com

ପସନ୍ଦ କଲୁ ନାହିଁ । କିନ୍ତୁ ସତରେ କ'ଣ ସେମାନେ ବାପ ଝିଅ ?"—ବାପା କହିଲେ ।

ଶୋଭା ଆଶ୍ଚର୍ଯ୍ୟ ହୋଇ କହିଲା, "ବାପା, ତମେ ମତେ ଏଇନେ କହିଲ । ବ୍ରହ୍ମା ପରା ବାପା, ଆଉ ଶତରୂପା ତାଙ୍କର ଝିଅ । ତମେ ପୁଣି କହିଲ ଯେ ବାପ ଝିଅ ବାହା ହେଲେ । ଏବେ କହିଲଣି—ମିଛରେ ବାହା ହେଲେ, ସତରେ ନୁହେଁ ।"

"ଆଲୋ, ସତରେ କ'ଣ ବ୍ରହ୍ମା ଆମ ଭଳିଆ ମଣିଷ ଥିଲେ, ନା ଶତରୂପା ଆମ ଭଳିଆ ମଣିଷ ଥିଲେ ? ମୁଣ୍ଡ, ଆଖି, କାନ, ନାକ, ପାଟି, ହାତ, ଗୋଡ଼ ଥାଇ ମଣିଷ ବହୁତ ପରେ ବାହାରିଲେ । ଆମେ ବାପ-ଝିଅ ଯାହା ବୁଝୁଚେ, ସେମାନେ ସେମିତି ନ ଥିଲେ ।"

କଥାଟା ଶୋଭା ପାଇଁ ବଡ଼ କଠିନ ହୋଇଗଲା । ସେ କିଛି ବୁଝିଲା, କିଛି ବୁଝି ପାରିଲା ନାହିଁ । କଥାର ମରମକୁ ଧରିବା ପାଇଁ ସେ କିଛି ସମୟ ଚିନ୍ତା କଲା ।

ଶୋଭାର ବାପା ପଦାର୍ଥ-ବିଜ୍ଞାନର ଅଧ୍ୟାପକ । ସେ ନିଜେ ବ୍ରହ୍ମା ଓ ଶତରୂପା କାହାଣୀକୁ ବିଜ୍ଞାନର ଦର୍ପଣରେ ଦେଖିଛନ୍ତି । ଆଉ ସେହି ଦର୍ପଣରେ କାହାଣୀଟି ନିଆରା ଦେଖାଯାଉଛି ।

ଆଜି ଆମେ ଅନେକ ଜିନିଷ ଦେଖୁଚୁ । ମାତ୍ର ଆଗେ କେବଳ ନିଉଟ୍ରନ ଥିଲା । ନିଉଟ୍ରନରୁ ପ୍ରୋଟନ ଓ ଇଲେକ୍ଟ୍ରନ୍ ବାହାରିଲା । ଆକାରରେ ନିଉଟ୍ରନ ଓ ପ୍ରୋଟନ ପ୍ରାୟ ଏକା ।

Digitized by srujanika@gmail.com

ମାତ୍ର ଇଲେକ୍‌ଟ୍ରନ ଆକାରରେ ଅତି ଛୋଟ । ପରେ ଯେତେ ଜିନିଷ ତିଆରି ହେଲା, ସବୁ ନିଉଟ୍ରନ, ପ୍ରୋଟନ ଓ ଇଲେକ୍‌ଟ୍ରନରୁ ତିଆରି ହେଲା । ବଡ଼ ହେଲେ ଶୋଭି ଏ ବିଷୟରେ ସବୁ ଜାଣିଯିବ ବୋଲି ବାପା କହିଲେ । ସେ ନିଜେ ଝିଅକୁ ବୁଝେଇ ଦେବେ । ଶୋଭି ବୁଦ୍ଧିମତୀ ଝିଅ । ସେ ଝଅଟକିନା ସବୁ ଧରି ଦବ ।

ଶୋଭିର ବାପା କହିଲେ, "କାହାଣୀ ମାଧ୍ୟମରେ କୁହା ହେଇଚି ; ନିଉଟ୍ରନ ଓ ପ୍ରୋଟନକୁ ବ୍ରହ୍ମା କୁହାଯାଇଛି । ଇଲେକ୍‌ଟ୍ରନକୁ ଶତରୂପା କୁହାଯାଇଚି ।"

କିଛି ସମୟ ଚିନ୍ତା କରିବା ପରେ ଶୋଭି ପଚାରିଲା, "ବାପା, ଆଡ଼ାମ୍ ଓ ଇଭ୍, ବ୍ରହ୍ମା ଓ ଶତରୂପା, ଏ ଦି'ଟା ଯାକ କାହାଣୀ କ'ଣ ଏକା ?"

"ଏକା ଏବଂ ଏକା ନୁହେଁ",—ବାପା ଉତ୍ତର ଦେଲେ ।

"ଏମିତି କ'ଣ କହିଲ ବାପା ?"

"ଆଡ଼ାମ୍ ଜଣେ ପୁରୁଷ ଥିଲା । ତା' ଦିହରୁ ପଞ୍ଜରା ଖଣ୍ଡେ ଅଲଗା ହେଇଗଲା । ସେଇ ପଞ୍ଜରାରୁ ଇଭ୍ ଜାତ ହେଲା ।"

"ବ୍ରହ୍ମା ଥିଲେ । ସେ ଦି' ଫାଳ ହୋଇଗଲେ । ବଡ଼ ଫାଳଟା ବ୍ରହ୍ମା ହୋଇ ରହିଲେ । ସାନ ଫାଳଟା ଶତରୂପା ହେଲା ।"

"ଆଡ଼ାମ୍ ଓ ଇଭ୍ ବାହା ହେଲେ । ବ୍ରହ୍ମା ଓ ଶତରୂପା ବାହା ହେଲେ ।"

Digitized by srujanika@gmail.com

"କାହାଣୀ ଦ'ଟା ଏକା ହେଲା କ ନାହିଁ, ଶୋଭା ତୁ କହ ।"—ବାପା ପଚାରିଲେ ।

"ଏକା କାହାଣୀ, ବାପା ।" —ଶୋଭା ହସି ହସି ଉତ୍ତର ଦେଲା ।

"ଫରକ ରହିଲା କୋଉଠି, ମା', ମୁଁ ବତେଇ ଦଉଚି । ଆଡ଼ାମ୍ ଓ ଇଭ୍‌କୁ ସ୍ୱାମୀ ସ୍ତ୍ରୀ କୁହାହେଲା । ବ୍ରହ୍ମା ଓ ଶତରୂପାକୁ ବାପ ଝିଅ କୁହାହେଲା । ଏଇ କହିବାରେ ଫରକ ରହିଗଲା । ବିଜ୍ଞାନରେ ଆମେ ଏମିତି କହୁ । ଗୋଟେ ଜିନିଷରୁ କିଛି ବାହାରି ଯାଇ ଅନ୍ୟ ଜିନିଷ ତିଆରି ହେଲେ, ତିଆରି ହେବା ଜିନିଷକୁ ଆମେ 'ଝିଅ' ବୋଲି କହୁ ।"

"ଆଉ ଗୋଟେ ପ୍ରଭେଦ ରହିଲା, ଶୋଭା । ବ୍ରହ୍ମା ନିଜେ ଭଗବାନ । ସେ ନିଜ ଭିତରୁ ସୃଷ୍ଟି କଲେ । ଏକରୁ ଅନେକ ହୋଇଗଲେ । ଜଗତରେ ଯାହା ଯାହା ସୃଷ୍ଟି ହେଲା, ତାହା ଭଗବାନଙ୍କଠାରୁ ଅଲଗା ନୁହେଁ । ସବୁଦ୍ରବ୍ୟ, କେହି ଅଭିଶପ୍ତ ନୁହେଁ ।"

"ଆଡ଼ାମ୍‌କୁ ପ୍ରଭୁ ଧୂଳିରୁ ସୃଷ୍ଟି କଲେ । ଆଡ଼ାମ୍ ଭଗବାନ ନୁହେଁ । ବାରଣ-ଫଳ ଖାଇଥିବାରୁ ଆଡ଼ାମ୍ ଓ ଇଭ୍ ପାପ କଲେ । ସେମାନଙ୍କୁ ପ୍ରଭୁ ପରା ଅଭିଶାପ ଦେଲେ । ଏଇ ବିଶ୍ୱାସରେ, ମନୁଷ୍ୟ ଅଭିଶପ୍ତ ; ପୁରୁଷ ଅପେକ୍ଷା ସ୍ତ୍ରୀ ଅଧିକ ଅଭିଶପ୍ତ ।"—ବାପା ବୁଝେଇ ସାରିଲା ବେଳକୁ ତାଙ୍କ ଜଳଖିଆ ସରି ଯାଇଥିଲା ।

Digitized by srujanika@gmail.com

# ଓଡ଼ିଶୀ ନାଚ

ଶୋଭା ବାପା ଓ ମା'ଙ୍କ ସାଙ୍ଗରେ ଓଡ଼ିଶୀ ନାଚ ଦେଖିବାକୁ ଯାଇଥିଲା । ଝିଅଟିଏ ଭଲ ନାଚୁଥିଲା । ତା'ର ଦଶାବତାର ନାଚ ଦେଖି ସମସ୍ତେ ଖୁସି ହୋଇଗଲେ ।

ଫେରିଲା ବେଳକୁ ଶୋଭା ବାପାଙ୍କୁ ନାଚ ବିଷୟରେ କେତେ କଥା ପଚାରିଲା । ଅବତାର କ'ଣ, ସ୍ବା ବିଷୟରେ ସେ ଆଗେ ବୁଝିଲା ।

ଭଗବାନ ମଣିଷ ହୋଇ ଜନ୍ମ ନିଅନ୍ତି । ସେ ଭଲ କାମ କରି ସମାଜକୁ ସଜାଡ଼ି ଦିଅନ୍ତି । ମନ୍ଦ କଥାକୁ ସମାଜରୁ ହଟେଇ ଦିଅନ୍ତି । ଭଲ କାମ ଦେଖେଇ ଦେଇ ସେ ସମାଜରେ ଆଦର୍ଶ ସୃଷ୍ଟି କରନ୍ତି ।

ଗୋଟିଏ କଥା ଶୋଭା ବୁଝି ପାରିଲା ନାହିଁ । ଦଶ-ଅବତାର ଭିତରେ ପରଶୁରାମ, ରାମ, କୃଷ୍ଣ, ବୁଦ୍ଧଙ୍କୁ, ସେ ମନୁଷ୍ୟ-ରୂପରେ ଦେଖିଲା । ମାଛ ମାଛ, କଇଁଛ, ବାର୍‌ହା, ଅଧା ସିଂହ ଓ ଅଧା ମଣିଷ ରୂପରେ ଅବତାର ଆସିଲେ କେମିତି ? ଭଗବାନ ମଣିଷ ଭାବରେ ଜନ୍ମ ନେଇ ପାରି ଥାଆନ୍ତେ । ମଣିଷ ନ ହୋଇ ସେ ମାଛ ହେଲେ କାହିଁକି, କଇଁଛ ହେଲେ କାହିଁକି, ବାର୍‌ହା ହେଲେ କାହିଁକି, ନରସିଂହ ହେଲେ କାହିଁକି ? ଭଗବାନ ଯେତେବେଳେ ପ୍ରଥମେ ମଣିଷ ହୋଇ ଅବତାର ନେଲେ, ସେ ଛୋଟିଆ ମଣିଷଟିଏ ହେଲେ

Digitized by srujanika@gmail.com

କାହିଁକି, ସେ ବାମନ ହୋଇ ଅବତାର ନେଲେ କାହିଁକି ? ଶୋଭାର ମନରେ ସନ୍ଦେହ ରହିଲା । କଥା କ'ଣ ଜାଣିବା ପାଇଁ ସେ ତା' ବାପାଙ୍କୁ ପଚାରିଲା ।

ଶୋଭା ଭଲ ପ୍ରଶ୍ନଟିଏ ପଚାରିଲା ବୋଲି ବାପା ଅନୁଭବ କଲେ । ଧର୍ମ ତ ଗହନ କଥା । ସେ ନିଜେ ତା ବିଷୟରେ ବେଶୀ କିଛି ଜାଣନ୍ତି ନାହିଁ । ମାତ୍ର ଲୋକେ ଉଦ୍‌ବର୍ତ୍ତନ କଥା କହନ୍ତି । ଦଶ-ଅବତାରରୁ ଉଦ୍‌ବର୍ତ୍ତନ ପ୍ରମାଣିତ ହୁଏ ବୋଲି ଲୋକେ କହନ୍ତି ।

"ବାପା, ଉଦ୍‌ବର୍ତ୍ତନ କ'ଣ ?"—ଶୋଭା ପଚାରିଲା ।

"ମା' ବୁଝେଇ ଦେବେ ।"—ମା'ଙ୍କ ଆଡ଼କୁ ଚାହିଁ ବାପା କହିଲେ ।

ଉଦ୍‌ବର୍ତ୍ତନ ଏକ ଲମ୍ବା ଇତିହାସ । ସେଇ ଇତିହାସକୁ ସମସ୍ତଙ୍କର ଜାଣିବା ଉଚିତ । ଘରକୁ ଗଲେ ବତେଇ ଦେବେ ବୋଲି ମା' କହିଲେ ।

## ଉଦ୍‌ବର୍ତ୍ତନ

ଘରେ ପହଞ୍ଚିବା ପରେ ଶୋଭା ବାପା ମା'ଙ୍କ ସାଙ୍ଗରେ ଖାଇଲା । ସେଇ ଖାଇବା ବେଳରୁ କଥା ଆରମ୍ଭ ହେଲା । ମା' ଜୀବ-ବିଜ୍ଞାନର ଉଦ୍‌ବର୍ତ୍ତନ କଥା ଶୋଭାକୁ ବୁଝେଇଲେ । ଆଜି ପୃଥିବୀରେ ଯେତେ ଯେତେ ଉଦ୍‌ଭିଦ ଓ ପ୍ରାଣୀ ଅଛନ୍ତି,

Digitized by srujanika@gmail.com

ସେମାନେ ସମସ୍ତେ ଏଇ ଅବସ୍ଥାରେ ଆରମ୍ଭରୁ ନଥିଲେ । ସେମାନଙ୍କର କ୍ରମ ବିକାଶ ହୋଇଛି । ଜୀବଜଗତ ସରଳରୁ ଜଟିଳ ହୋଇଛି । କ୍ରମେ କ୍ରମେ, ଆସ୍ତେ ଆସ୍ତେ ବିକଶିତ ହେବାକୁ, ଉନ୍ନତ-ପଥରେ ଉପରକୁ ଉଠିବାକୁ ଉଦ୍‌ବର୍ତ୍ତନ କୁହାଯାଏ ।

ଏକକୁ ଡାହାଣରେ ନଅଟା ଶୂନ ବସେଇଲେ ଯେଉଁ ସଂଖ୍ୟା ତିଆରି ହୁଏ, ତାହା ଏକ ଅର୍ବ ଏକ ଶହ କୋଟି ଯାହା, ଏକ ଅର୍ବ ତାହା । ଅଢ଼େଇ ଅର୍ବବର୍ଷ ପୂର୍ବେ ପୃଥିବୀରେ ଜୀବ-ସୃଷ୍ଟି ହେଲା । ତା' ପୂର୍ବରୁ ପୃଥିବୀ ନିର୍ଜୀବ ଥିଲା । ନିର୍ଜୀବ ଥିଲା ବେଳେ ପୃଥିବୀରେ ମଣିଷ ନ ଥିଲେ; ବାଘଭାଲୁ ନ ଥିଲେ; ଗାଈମଇଁଷି ନ ଥିଲେ; ଚଢ଼େଇ ନ ଥିଲେ; ଆମ୍ବ, ପଣସ, ଓସ୍ତ, ବରଗଛ ନ ଥିଲା; ଝିଣ୍ଟିକା ନ ଥିଲେ; ପୋକଯୋକ ନ ଥିଲେ; ଏପରିକି ଜୀବାଣୁ, ଭୂତାଣୁ ନ ଥିଲେ । ସେତେବେଳର ପୃଥିବୀରେ ଖାଲି ମାଟି ପଥର ଥିଲା, ପାଣି ଥିଲା, ପବନ ଥିଲା । ସେହି ପୃଥିବୀରେ ନଈ ଥିଲା, ସମୁଦ୍ର ଥିଲା; କିନ୍ତୁ ସେଇ ନଈପାଣିରେ, ସମୁଦ୍ର ପାଣିରେ ମାଛଟିଏ ନ ଥିଲା, ପୋକଟିଏ ନ ଥିଲା । ସେହି ପୃଥିବୀରେ ଉଞ୍ଚା ଉଞ୍ଚା ପଥରର ପାହାଡ଼ ଓ ପର୍ବତ ଥିଲା । ମାତ୍ର ସେଇ ପାହାଡ଼ ଓ ପର୍ବତରେ ଗଛଟିଏ ନ ଥିଲା, ଲତାଟିଏ ନ ଥିଲା । ବର୍ଷାଦିନରେ ମଧ୍ୟ ସେହି ପଥରରେ ଶିଉଳି ପଡ଼ୁ ନ ଥିଲା । କାରଣ ସେତେବେଳେ ଶିଉଳି ନ ଥିଲା ।

ଅଢ଼େଇ ଅର୍ବ ବର୍ଷ ପୂର୍ବେ ପୃଥିବୀରେ ଜୀବର ଉତ୍ପତ୍ତି ହେଲା ।

Digitized by srujanika@gmail.com

"ଟିକଏ ରହ ଯା, ମା' ।"— ଶୋଭା କହିଲା ।

"କ'ଣ ପଚାରୁଚୁ, ପଚାର ।"—ମା' କହିଲେ ।

"ପ୍ରଥମେ ଯୋଉ ଜୀବ ତିଆରି ହେଲା, ତା' କୋଉଠେ ତିଆରି ହେଲା ? ପର୍ବତର ପଥର ଉପରେ, ଛିପ ଜାଗାର ମାଟିରେ, ନଈରେ ନା ସମୁଦ୍ରରେ ?"

"ସମୁଦ୍ରର ପାଣିରେ ପ୍ରଥମେ ଜୀବ ସୃଷ୍ଟି ହେଲା ।"— ମା' ଉତ୍ତର ଦେଲେ ।

"ଭଗବାନ ଏମିତି ବୋକାମି କଲେ କାହିଁକି, ମା' ? ସେ ତ ଭୂଇଁରେ ଜୀବ ତିଆରି କରି ପାରି ଥାଆନ୍ତେ । ସମୁଦ୍ର ପାଣିରେ ବୁଡ଼ି, ସେଥିରେ ପହଁରି ପହଁରି ସେ ଏତେ କଷ୍ଟ କରି ଜୀବ ତିଆରି କଲେ କାହିଁକି ? ଆଚ୍ଛା, ମା', କହିଲୁ, ଭଗବାନ କ'ଣ ପହଁରି ଜାଣନ୍ତି ?"

"ବିନା ଭଗବାନରେ ଆମେ ବିଜ୍ଞାନ କରୁ, ଶୋଭା । ଭଗବାନ କିଛି କଲେ ବୋଲି ଆମେ କହୁ ନାହିଁ । ଭଗବାନ ଅଛନ୍ତି କି ନାହାନ୍ତି, ତା' ବିଷୟରେ ବିଜ୍ଞାନରେ ଆମେ କିଛି କହୁ ନାହିଁ । ଭଗବାନଙ୍କ ବିଷୟରେ ବୈଜ୍ଞାନିକ ନୀରବ ।"

"ଜେଜେମା ଭଗବାନଙ୍କ ବିଷୟରେ ବହୁତ କହେ । ସେ ଭଗବାନଙ୍କୁ ବିଶ୍ୱାସ କରେ । ତୁ କାହିଁକି ବିଶ୍ୱାସ କରୁ ନାହୁଁ, ମା' ?"—ବଡ଼ ବ୍ୟସ୍ତ ହୋଇ ଶୋଭା ପଚାରିଲା ।

"ଭଗବାନଙ୍କଠେ ମୋର ବିଶ୍ୱାସ ନାହିଁ, ଏ କଥା ତୋତେ ମୁଁ କହିନାହିଁ, ଶୋଭା । ଜଣେ ମଣିଷ ହିସାବରେ ମୁଁ ଭଗବାନଙ୍କୁ ବିଶ୍ୱାସକରି ପାରେ ; ମାତ୍ର ବିଜ୍ଞାନରେ ମୁଁ

Digitized by srujanika@gmail.com

ଭଗବାନଙ୍କ ବିଷୟରେ କିଛି କହିବ ନାହିଁ । ବିନା ପ୍ରମାଣରେ ବୈଜ୍ଞାନିକ କିଛି ଗ୍ରହଣ କରେ ନାହିଁ ।"

"ଜେଜେମା ତ ଯୁକ୍ତି କରୁଥିଲି ; ସେ ପ୍ରମାଣ କରି କହି ଦେଉଥିଲି ।"—ଶୋଭା ନିଶ୍ଚିନ୍ତ ମନରେ କହିଲି ।

"ସେ କ'ଣ କହୁଥିଲେ ?"—ମା' ପଚାରିଲେ ।

ଜେଜେମାଙ୍କ ଯୁକ୍ତିକୁ ଶୋଭା ଆଣି ମା'ଙ୍କ ପାଖରେ ଥୋଇଲି । ପ୍ରତି ଜିନିଷକୁ କେହି ନା କେହି ତିଆରି କରିଛି । କଲମଟାକୁ, ଘଡ଼ିକୁ, ବହିକି, ଚୌକିକୁ, ସବୁ ଜିନିଷକୁ କେହି ତିଆରି କରିଛି । ଏଡ଼େ ବଡ଼ ପୃଥିବୀଟାକୁ କେହି ତ ନିଶ୍ଚୟ ତିଆରି କରିଥିବ । ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କୁ କେହି ନିଶ୍ଚୟ ତିଆରି କରିଥିବ । ଗଛଲତା, ପଶୁପକ୍ଷୀ, ମଣିଷକୁ କେହି ନିଶ୍ଚୟ ତିଆରି କରିଥିବ । ଏ ସବୁକୁ ଯିଏ ତିଆରି କରିଛି, ସିଏ ଭଗବାନ । ଜେଜେମାଙ୍କ ଯୁକ୍ତି ଏୟା ଥିଲା ।

"ଆଚ୍ଛା, ଶୋଭା, ଯେତେ ଯାହା ଅଛି, ତାକୁ କେହି ତିଆରି କରିଛି । ଜେଜେମା ଏଇ କଥା କହିଲେ ତ ?"—ମା' ଜୋର ଦେଇ ପଚାରିଲେ ।

ହଁ, "ମା' ଜେଜେମା ସେଇ କଥା କହିଲି ।"

"ଆମେ ଯଦି ସେଇ କଥାକୁ ମାନି ନବା, ତେବେ ଆମେ ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ବାଧ୍ୟ ।"

"କୋଉ ପ୍ରଶ୍ନ ମା' ?"

Digitized by srujanika@gmail.com

"ଭଗବାନଙ୍କୁ କିଏ ତିଆରି କଲା ?"

"ଭଲ କଥାଟିଏ କହିଲୁ, ମା' । ଏଇ ପ୍ରଶ୍ନକୁ ପଚାରି ଦେଲେ ଜେଜେମା ବୁଢ଼ୀର ମୁଣ୍ଡ ଗୁଡ଼ୁମ୍ ହେଇଯିବ । ବୁଢ଼ୀକୁ ମୁଁ ପଚାରେ । ଦେଖିବ, କେମିତି ତା' ବୁଦ୍ଧି ହଜି ଯିବ ।" —ଖୁସି ମନରେ ଶୋଭା କହିଲା ।

"ତୋ ପ୍ରଶ୍ନର ଉତ୍ତର ପାଇଲୁ ?"

"ତୁ ତ ଉତ୍ତର ଦେଉନୁ, ମା' । ମୁଁ ପାଇବି କେମିତି ? ଭଗବାନ ସିନା ଜୀବକୁ ତିଆରି କଲେ ନାହିଁ । ଜୀବ ତିଆରି ହେଲା କେମିତି ? ଆଗେ ପାଣିରେ ଜୀବ ନ ଥିଲା । ସେଇ ପାଣିରେ ଜୀବ ଦେଖାଗଲା କେମିତି ?" ଶୋଭା ପଚାରିଲା ।

ମା' ଶୋଭାକୁ ବୁଝେଇ ଦେଲେ । ସୂର୍ଯ୍ୟକିରଣର ଅତି-ବାଇଗଣି-ରଶ୍ମି ସମୁଦ୍ରଜଳରେ ପଡ଼ିଲା । ଜଳରେ ଅନେକ ରାସାୟନିକ ପଦାର୍ଥ ଥିଲା । ସେହି ପଦାର୍ଥ ଅତି-ବାଇଗଣୀ-ରଶ୍ମୀର ପ୍ରଭାବରେ ବଦଳି ଗଲା । ଗୋଟେ ଜିନିଷ ଆଉ ଗୋଟେ ଜିନିଷକୁ ବଦଳିଲା । ଦ୍ୱିତୀୟ ଜିନିଷଟା ଏକ ତୃତୀୟ ଜିନିଷକୁ ବଦଳିଲା । ଏହି ବଦଳା-ବଦଳି ଓ ମିଶାମିଶି ହେବା ପ୍ରକ୍ରିୟାରେ ଭୁତାଣୁ ଜାତ ହେଲା ।

ଜୀବ ତିଆରି ହେବା ପୂର୍ବରୁ କେତେଗୁଡ଼ିଏ ରାସାୟନିକ ପ୍ରତିକ୍ରିୟା ଘଟିଲା । ତାହା କ'ଣ ଥିଲା ତାକୁ ଜାଣିବାକୁ କାଲ୍ଭିନ୍ ନାମକ ବୈଜ୍ଞାନିକ ତାଙ୍କର ସାଙ୍ଗମାନଙ୍କୁ ନେଇ କାମ କଲେ । କୃତ୍ରିମ ଉପାୟରେ ସେ ସେଇ ପୁରୁଣା ପରିବେଶକୁ ସୃଷ୍ଟି କଲେ । ଅଙ୍ଗାରକାମ୍ଳ ଗ୍ୟାସ ଓ ପାଣିକୁ ନେଇ ସେଇ

Digitized by srujanika@gmail.com

ପରିବେଶରେ ରଖି ଦେଲେ ଅନ୍ୟ କେତେଗୁଡ଼ିଏ ଜିନିଷ ତିଆରି ହୋଇଗଲା । ଜୀବନ ତିଆରି ହେବା ପାଇଁ ଏହି ଜିନିଷ-ଗୁଡ଼ିକ ଦରକାର ।

ମିଲର୍ ଏବଂ ଉରି ନାମକ ଦୁଇ ଜଣ ବୈଜ୍ଞାନିକ ଆଉ ଗୋଟିଏ ପରୀକ୍ଷା କଲେ । ସେହି ପରୀକ୍ଷାରେ ସେମାନେ ଗ୍ଲାଇସିନ୍ ଜିନିଷ ତିଆରି କରି ପାରିଲେ । ଘର ଯେପରି ଇଟାରେ ତିଆରି ହୋଇଥାଏ, ଆମର ଦେହର ମାଂସ ଓ ଅଙ୍ଗ ସେପରି କୋଡ଼ିଏ କିସମର ରାସାୟନିକ ଜିନିଷରେ ତିଆରି ହୋଇଥାଏ । ଏପରି ରାସାୟନିକ ଜିନିଷକୁ 'ଏମିନୋ ଏସିଡ୍' କୁହାଯାଏ । ମିଲର୍ ଓ ଉରି ଗ୍ଲାଇସିନ୍ ଏମିନୋ-ଏସିଡ୍‌କୁ ତିଆରି କରି ଦେଇ ପାରିଲେ ।

ଫକ୍ସ ନାମକ ଅନ୍ୟ ଜଣେ ବୈଜ୍ଞାନିକ ତାଙ୍କର ସାଙ୍ଗ-ମାନଙ୍କ ସାହାଯ୍ୟରେ ପରୀକ୍ଷା କଲେ । ପ୍ରଥମେ ଜୀବକୋଷ କିପରି ତିଆରି ହେଲା ତାହା ଏହି ପରୀକ୍ଷାରୁ ପ୍ରମାଣିତ ହୋଇଗଲା ।

ହାଲ୍‌ଡେନ୍ ନାମକ ଜଣେ ସାହେବ ଥିଲେ । ତାଙ୍କର ଜୀବନର ଶେଷ ଭାଗରେ ସେ ଭୁବନେଶ୍ୱରରେ ରହିଥିଲେ ଏବଂ ଏଇଠାରେ ମରିଥିଲେ । ଜୀବନ-ସୃଷ୍ଟି ବିଷୟରେ ସେ ବହୁତ କଥା ଲେଖି ଯାଇଛନ୍ତି ।

ଭୂତାଣୁର ଜୀବନ ଅଛି । ପୃଥିବୀରେ ଯେତେ ଜୀବ ଅଛନ୍ତି, ସେମାନଙ୍କ ଭିତରେ ଭୂତାଣୁ ସରଳତମ । କ୍ରମେ କ୍ରମେ

Digitized by srujanika@gmail.com

ଅନ୍ୟ ସରଳ ଜୀବ ବାହାରିଲେ । ଜୀବାଣୁମାନେ ଜାତ ହେଲେ ।

ଏଠାରେ ମା' ଶୋଭାଙ୍କୁ ଚେତେଇ ଦେଲେ । ସେ ଯାହା କହିଲେ, ତା' ଗୋଟିଏ ମତ ମାତ୍ର । ନାନା ମୁନିଙ୍କ ନାନା ମତ । ମୁନି ଗୋଟିକରେ ମତ ଗୋଟିଏ । ପୃଥିବୀରେ ଜୀବ ସୃଷ୍ଟି ବିଷୟରେ ଅନ୍ୟ ମତ ମାନ ଅଛି ମଧ୍ୟ ।

"ଆଚ୍ଛା, ମା', ମୁନିମାନଙ୍କୁ ମୁଁ ସିନେମାରେ ଦେଖିଛି, ଟି.ଭି.ରେ ଦେଖିଛି । ସେମାନେ ମୁହଁରେ ଲମ୍ବା ଲମ୍ବା ଦାଢ଼ି ରଖି ଥାଆନ୍ତି । ସେମାନଙ୍କର ମୁଣ୍ଡବାଳ ଜଟା ହୋଇ ଯାଇଥାଏ । ସେଇ ଜଟାବାଳକୁ ସେମାନେ ମୁଣ୍ଡ ଉପରେ ବାନ୍ଧି ଖୋଷା କରି ଦେଇ ଥାଆନ୍ତି । ସେମାନେ ଗେରୁଆ ଲୁଗା ପିନ୍ଧି ଥାଆନ୍ତି; ବେକରେ ମାଳ ଗଡ଼େଇ ଥାଆନ୍ତି; ପାଦରେ କଠଉ ପିନ୍ଧି ଥାଆନ୍ତି । ବୈଜ୍ଞାନିକମାନେ ସେମିତି କିଛି ପିନ୍ଧି ନ ଥାନ୍ତି । ତୁ ତ ସେମିତି ପିନ୍ଧି ନାଉଁ । ବାପା ସେମିତି ପିନ୍ଧି ନାହାନ୍ତି । ବୈଜ୍ଞାନିକ ମୁନି ହେଲେ କେମିତି ?"—ଶୋଭା ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ଯୁଗ ଅନୁସାରେ ବେଶ ବଦଳିଯାଏ, ଶୋଭା । ପୁରୁଣା କାଳରେ ମୁନିମାନେ ସେମିତି ବେଶ ହେଉଥିଲେ । ଆଜିକାଲି ପୋଷାକ ବଦଳି ଯାଇଛି । ତେବେ ଖାଲି ପୋଷାକରୁ ମୁନି ଚିହ୍ନି ହୁଏ ନାହିଁ । ପଣ୍ଡିତ ଲୋକେ ଜ୍ଞାନ ଖୋଜୁଥିଲେ, ନୂଆ ଜ୍ଞାନ ପାଇ ଲୋକଙ୍କୁ ଦେଉଥିଲେ । ଆଗେ ମୁନିମାନେ ଯାହା କରୁଥିଲେ, ଆଜି ବୈଜ୍ଞାନିକମାନେ ଏବଂ ଅନ୍ୟ ପଣ୍ଡିତମାନେ

Digitized by srujanika@gmail.com

ସେମ୍ଭା କରୁଛନ୍ତି । ଭଲ ମଣିଷଟିଏ ହେଇଥିଲେ, ପ୍ରତି ପଣ୍ଡିତ ଜଣେ ମୁନି ।"—ମା' ବୁଝେଇଲେ ।

"ମୁନିର ଅର୍ଥ ବୁଝିଗଲି, ମା' । ତେବେ ଅନ୍ୟ ବୈଜ୍ଞାନିକ—ମୁନିମାନେ କ'ଣ କହୁଛନ୍ତି, ତୁ କହ ।"

ଅନ୍ୟ ବୈଜ୍ଞାନିକ ମତଗୁଡ଼ିକୁ ମା' ଶୋଭିକୁ ବୁଝେଇ ଦେଲେ ।

କେତେକ ବୈଜ୍ଞାନିକଙ୍କ ମତରେ ପ୍ରଥମେ ଜୀବନ ପୃଥିବୀ ବାହାରେ ସୃଷ୍ଟି ହୋଇଥିଲା । ବାହାରୁ ପୃଥିବୀକୁ ଜୀବନ ଆସିଲା । ଫ୍ରାନ୍‌ଶିସ୍‌କ୍ରିକ୍ ନାମକ ଜଣେ ପଦାର୍ଥ-ବିଜ୍ଞାନୀ ଏହି ମତ ଦେଲେ ।

ଥମାସ୍ ଗୋଲ୍‌ଡ଼ ନାମକ ଜଣେ ବୈଜ୍ଞାନିକ ଏକ କଳ୍ପନା କରନ୍ତି । ତାଙ୍କ କଳ୍ପନାରେ, ଜଗତକୁ ଆବିଷ୍କାର କରିବା ପାଇଁ ଉଡ଼ୁଥିବା କୌଣସି ଲୋକ ପୃଥିବୀରେ କିଛି ଜୀବନ୍ତ ଜିନିଷ ଛାଡ଼ିଦେଲା ।

ଫ୍ରେଡ୍ ହଏଲ୍ ଆଉ ଜଣେ ବୈଜ୍ଞାନିକ । ତାଙ୍କ ମତରେ ଆଦିମ ଜୀବନ ପ୍ରଥମେ ପୃଥିବୀ ବାହାରେ ତିଆରି ହୋଇଥିଲା । ମହାକାଶରେ ଭାସୁଥିବା ବାଷ୍ପ-ବାଦଲରେ ଏବଂ ଧୂମକେତୁ ବା ଲଞ୍ଜାତାରାରେ ପ୍ରଥମେ ଜୀବନ ତିଆରି ହେଲା । ସେହି ଜୀବନକୁ ଭୂତାଣୁ ସହ ତୁଳନା କରାଯାଇ ପାରିବ । ଲଞ୍ଜାତାରା ପୃଥିବୀ ପାଖ ଦେଇ ଗଲାବେଳେ ସେହି ଭୂତାଣୁ ପରି ଜୀବନ ପୃଥିବୀକୁ ଆସିଗଲା । ମଝିରେ ମଝିରେ ଏହା

Digitized by srujanika@gmail.com

ଅନେକ ବାର ଘଟିଛି । ଆଜି ସୁଦ୍ଧା ଏହା ଘଟୁଛି ବୋଲି ଫ୍ରେଡ଼୍ ହ୍ୱଏଲ୍ କହନ୍ତି ।

ଆମ ପୃଥିବୀର ଆୟୁ ୪୬୦୦ ନିୟୁତ ବର୍ଷ । ପ୍ରଥମ ଅଢ଼େଇ ହଜାର ନିୟୁତ ବର୍ଷରେ ପୃଥିବୀ ନିର୍ଜୀବ ଥିଲା, ସେତେବେଳେ ଏଥିରେ ଭୂତାଣୁ, ଜୀବାଣୁ ପରି ସରଳ ଜୀବ ମଧ୍ୟ ନ ଥିଲେ । ଆଜିଠାରୁ ପ୍ରାୟ ଦୁଇ ହଜାର ନିୟୁତ ବର୍ଷ କିମ୍ବା ଦୁଇ ଅର୍ବ ବର୍ଷ ପୂର୍ବେ ପୃଥିବୀରେ ପ୍ରଥମେ ଭୂତାଣୁ ଜାତ ହେଲା । ଏକାବେଳକେ ସବୁ ଗଛ ଓ ସବୁ ଜନ୍ତୁ ତିଆରି ହୋଇ ଯାଇ ନାହାନ୍ତି । ଭୂତାଣୁ ଯେତେବେଳେ ହେଲା, ବରଗଛ ସେତେବେଳେ ନ ଥିଲା । ମଣିଷ ସେତେବେଳେ ନ ଥିଲା । ଆଜିର ଉଦ୍‌ଭିଦ-ଜଗତ ଓ ପ୍ରାଣୀ-ଜଗତ ତିଆରି ହେବା ପାଇଁ ଅନେକ ଯୁଗ ବିତି ଯାଇଛି । ସାଙ୍ଗେ ସାଙ୍ଗେ କିଛି ହୋଇଯାଇ ନାହିଁ । ସାଙ୍ଗେ ସାଙ୍ଗେ ସବୁ ବଦଳି ଯାଇନାହିଁ । ଟିକିଏ ଟିକିଏ ବଦଳିଛି । ଆସ୍ତେ ଆସ୍ତେ ବଦଳିଛି । ଏହିପରି ବଦଳି ବଦଳି ଅନେକ ଯୁଗ ପରେ ବହୁତ କିଛି ବଦଳି ଯାଇଛି । ଭୂତାଣୁରୁ ମଣିଷ ପର୍ଯ୍ୟନ୍ତ ସିଢ଼ିରେ ଉଠିବାକୁ ଜୀବ ଅନେକ ଯୁଗ ନେଇଛି ।

Digitized by srujanika@gmail.com

# ଭୂତାଣୁରୁ ବରଗଛ

ଗଲା ଦୁଇ ଅର୍ବ ବର୍ଷରେ ଉଦ୍‌ଭିଦର ଉଦ୍‌ବର୍ତ୍ତନ ବିଷୟରେ ଆମେ ଏଠାରେ ଆଲୋଚନା କରିବା ।

ପ୍ରଥମ ୫୭୫ ନିୟୁତ ବର୍ଷକୁ ଆମେ ଆଦ୍ୟଜୀବ ଯୁଗ ବୋଲି କହିବା । ଏହି ଯୁଗରେ ଭୂତାଣୁ ଓ ଜୀବାଣୁମାନେ ଥିଲେ । ଅନ୍ୟ କୌଣସି ଉଦ୍‌ଭିଦ ଓ ପ୍ରାଣୀ ଏ ଯୁଗରେ ଜାତ ହୋଇ ନ ଥିଲେ ।



ଚିତ୍ର ୬—ଭିନ୍ନ ଭିନ୍ନ କିସମର ଜୀବାଣ

Digitized by srujanika@gmail.com

ଦ୍ୱିତୀୟ ଯୁଗର ନାମ ପ୍ରାଗଜୀବ ଯୁଗ । ଏହା ୯୦୦ ନିଯୁତ ବର୍ଷ ଲମ୍ବା । ଏହି ଯୁଗରେ ଭୂତାଣୁ, ଜୀବାଣୁ ଏବଂ ନୀଳ-ସବୁଜ ଶିଉଳ ଥିଲେ । ଶିଉଳ ଏହି ଯୁଗରେ ନୂଆ କରି ଦେଖାଗଲା ।

ତୃତୀୟ ଯୁଗକୁ ଆମେ ପୁରାଜୀବ ଯୁଗ ନାମ ଦେବା । ଏହା ୩୫୦ ନିଯୁତ ବର୍ଷ ଲମ୍ବା । ଏହି ଯୁଗରେ ସମୁଦ୍ରରେ ଅନେକ କିସମର ଶିଉଳ ଦେଖାଗଲା । ସ୍ଥଳଭାଗରେ ଉଦ୍‌ଭିଦ ଜାତ ହେଲା । ମାତ୍ର ଏହା ଆଜିର ବଡ଼ ବଡ଼ ଗଛ ପରି ନ ଥିଲା । ଏହି ସବୁ ଗଛରେ ଫୁଲ ଫୁଟୁ ନ ଥିଲା । କେତେକ ଗଛରେ ବିନା ଫୁଲରେ ମଧ୍ୟ ଫଳ ଧରୁଥିଲା ।



ଚିତ୍ର ୭—ନୀଳ ସବୁଜ ଶିଉଳ

Digitized by srujanika@gmail.com



ଚିତ୍ର ୮—ଫୁଲ ଫୁଟୁ ନ ଥିବା ଗଛ

ଚତୁର୍ଥ ଯୁଗର ନାମ ମଧ୍ୟଜୀବ ଯୁଗ । ଏହା ୧୨୫ ନିୟୁତ ବର୍ଷ ଲମ୍ବା । ଏହି ଯୁଗରେ ଫୁଲ ଫୁଟିବା ଗଛ ପ୍ରଥମ କରି ଦେଖାଗଲା । ଏ ଯୁଗରେ ଫୁଲ ଫୁଟୁ ନ ଥିବା ଗଛ ଏବଂ ଫୁଲ ଫୁଟିବା ଗଛ ରହିବା ଦ୍ୱାରା ସ୍ଥଳଭାଗରେ ଜଙ୍ଗଲ ସୃଷ୍ଟି ହେଲା ।

Digitized by srujanika@gmail.com

ପଞ୍ଚମ ଯୁଗଟି ଆଜିକାଲର ଯୁଗ । ଏହାକୁ ଆମେ ସଦ୍ୟ-ଜୀବ ଯୁଗ ନାମ ଦେବା । ଏହା ଷାଠିଏ ନିୟୁତ ବର୍ଷ ଲମ୍ବା । ଏହି ଯୁଗରେ ଅନେକ କିସମର ଗଛ ସୃଷ୍ଟି ହେଲା ।

ଚିତ୍ର ୯—ଫୁଲ ଫୁଟୁଥିବା ଗଛ

ଚିତ୍ର ୧୦—ମାଟି ଉପରେ ବଢ଼ିଥିବା ଜଙ୍ଗଲ

Digitized by srujanika@gmail.com

ଆଜି ଆମେ ଆମ୍ବ ଗଛ, ନଡ଼ିଆ ଗଛ, ପଣସ ଗଛ, ଓସ୍ତ ଗଛ, ବର ଗଛ, ଇତ୍ୟାଦି ଅନେକ ଗଛ ଦେଖୁଚେ । ଭୂତାଣୁ-ଠାରୁ ଆରମ୍ଭ ହୋଇ ଆଜିର ଆମ୍ବ ଗଛ କିମ୍ବା ବର ଗଛ ଅବସ୍ଥାକୁ ଆସିବା ପାଇଁ ଦୁଇ ଅବ୍ଦ ବର୍ଷ ଲାଗି ଯାଇଛି । ଏହା ଏକ ମହା ଯୁଗ । ଏକର ଡାହାଣରେ ନଅଟା ଶୂନ ବସିଲେ ଯେଉଁ ବଡ଼ ସଂଖ୍ୟାଟି ହୁଏ, ସେତକ ବର୍ଷର ମହାଯୁଗ ଇଏ । ଏତେ ବର୍ଷ ଧରି ଭୂତାଣୁ ବଦଳି ବଦଳି ଯାଇ ବଡ଼ ଗଛରେ ପରିଣତ ହୋଇଛି । ଆଜି ଜଙ୍ଗଲ ନ ଥିଲେ, ଗଛ ନ ଥିଲେ ଆମେ ଚଳି ପାରିବା ନାହିଁ । ଏହି ପୃଥିବୀରେ ମଣିଷକୁ ବଞ୍ଚି ରହିବାକୁ ହେଲେ ଏହାର ଭୂଇଁର ତିନି ଭାଗରୁ ଏକ ଭାଗରେ ଗଛ ରହିବା କଥା, ଜଙ୍ଗଲ ରହିବା କଥା ।

## ଭୂତାଣୁରୁ ମଣିଷ

ଆଜିଠାରୁ ୧୪୩୫ ନିୟୁତ ବର୍ଷ ପୂର୍ବେ ପୃଥିବୀରେ ପ୍ରାଣୀ ସୃଷ୍ଟି ହେଲା । ପ୍ରଥମେ ଏ ସୃଷ୍ଟି ଭୂଇଁରେ ହୋଇ ନ ଥିଲା । ସମୁଦ୍ରର ପାଣି ଭିତରେ ଆମିବା ପରି ଏକକୋଷୀ ଜୀବ ପ୍ରଥମେ ଜାତ ହେଲା । ଭୂତାଣୁ ଓ ଜୀବାଣୁର ପରବର୍ତ୍ତୀ ଅବସ୍ଥାରେ ଏହା ଘଟିଥିଲା ।



ଚିତ୍ର ୧୧—ଏକ ପ୍ରକାର ଆଦ୍ୟଜୀବ—ଆମିବା

Digitized by srujanika@gmail.com

ପ୍ରାଗ୍‌ଜୀବ ଯୁଗରେ ଆମିବା ପର ଆନ୍ଦ୍ରଜୀବ, ହାଇଡ୍ରା ପର ପ୍ରାଣୀ, ସ୍ପଞ୍ଜ, ପତଳଆ ଚେପ୍‌ଟା କୃମି, ଫିତାଳିଆ ଚେପ୍‌ଟା କୃମି ଏବଂ ଗୋଲ କୃମି ଜାତ ହେଲେ ।



ଚିତ୍ର ୧୬—କେତେଗୁଡ଼ିଏ ବହୁକୋଷୀ ପ୍ରାଣୀ

ପୁରାଜୀବ ଯୁଗରେ ଅନେକ ନୂଆ କିସମର ବହୁକୋଷୀ ପ୍ରାଣୀ ଦେଖାଦେଲେ । ମାତ୍ର ଗୋଟିଏ କୋଷରେ ଆମିବା ଜାତ ହୋଇଥିଲା । ଅନେକ କୋଷରେ ତିଆରି ପ୍ରାଣୀମାନେ ପରେ ଦେଖାଦେଲେ ।

Digitized by srujanika@gmail.com

ପ୍ରଥମେ ଯେଉଁ ବହୁକୋଷୀ ପ୍ରାଣୀ ଜନ୍ମ ହେଲେ, ସେମାନଙ୍କର ମେରୁଦଣ୍ଡ ନ ଥିଲା । ଏପର ଅମେରୁଦଣ୍ଡୀ ପ୍ରାଣୀ ଅନେକ ପ୍ରକାରରେ ଜନ୍ମ ହେଲେ ।

ସମୁଦ୍ର-ପାଣିରେ ଶାମୁକା ଓ ଗେଣ୍ଡା ପର ପ୍ରାଣୀ ଜାତ ହେଲେ । ଅନେକ କିସମର ପ୍ରବାଳ ଜନ୍ମ ନେଲେ ।



ଚିତ୍ର ୧୩—ଗେଣ୍ଡା ଓ ସେହିପର କେତେକ ଦଳ ଜୀବ

ମେରୁଦଣ୍ଡୀ ପ୍ରାଣୀ ଭିତରେ ମାଛ ଜନ୍ମ ନେଲା । କିସମ କିସମର ମାଛ ବାହାରିଲେ ।

Digitized by srujanika@gmail.com



ଚିତ୍ର ୧୪—ମାଛ

ଉଭୟଚର ପ୍ରାଣୀମାନେ ପାଣିରେ ରହନ୍ତି, ଭୂଇଁରେ ମଧ୍ୟ ରହନ୍ତି । ଏହି ସମୟରେ ଅନେକ ଉଭୟଚର ପ୍ରାଣୀ ଜାତ ହେଲେ ।

ପିଲାମାନେ ସାପ ଦେଖିଛନ୍ତି । ସାପ ଗୋଟେ ସରୀସୃପ । ଅନେକ ଜାତିର ସରୀସୃପ ଅଛନ୍ତି । ଏହି ଯୁଗରେ ସମୁଦ୍ରରେ ସରୀସୃପ ଜାତ ହେଲେ ।



ଚିତ୍ର ୧୫—ସାପ

Digitized by srujanika@gmail.com

କର୍ଙ୍କି ଗୋଟେ ପତଙ୍ଗ । ଝିଣ୍ଟିକା ଆଉ ଗୋଟେ ପତଙ୍ଗ । ଅନେକ କିସମର ପତଙ୍ଗ ଅଛନ୍ତି । ପତଙ୍ଗ ଅଣ୍ଡା ଦିଏ; ଅଣ୍ଡାରୁ ପୋକ ତିଆରି ହୁଏ; ପୋକରୁ କୋଷା ତିଆରି ହୁଏ; କୋଷାକୁ ଫଟେଇ ଦେଇ ସେଥିରୁ ପତଙ୍ଗ ଉଡ଼ିଯାଏ । ପିଲାମାନେ ପ୍ରଜାପତି ଦେଖିଛନ୍ତି । ପ୍ରଜାପତି ଗୋଟିଏ ପତଙ୍ଗ । ପ୍ରଜାପତି ଅଣ୍ଡାଦିଏ; ଅଣ୍ଡାରୁ ସଂବାଳୁଆ ବାହାରେ; ସଂବାଳୁଆ ତା' ଗୁହିର ପଟେ କୋଷା ତିଆରି କରି ତା' ଭିତରେ ରହେ, ତା' ପରେ ପ୍ରଜାପତିଟିଏ ହୋଇ କୋଷା ଭିତରୁ ସେ ବାହାରି ଯାଏ ।

ଚିତ୍ର ୧୭—ପ୍ରଜାପତି କେମିତି ଜନ୍ମ ହୁଏ

ପତଙ୍ଗ ଶ୍ରେଣୀର ପ୍ରାଣୀମାନେ ଏହି ଯୁଗରେ ଜନ୍ମ ନେଲେ ।

Digitized by srujanika@gmail.com

ମଧ୍ୟଜୀବ ଯୁଗରେ ସରୀସୃପମାନ ବେଶୀ ସଂଖ୍ୟାରେ ଏବଂ ବେଶୀ ପ୍ରକାରରେ ବାହାରିଲେ । ଏହି ସମୟରେ ଛୋଟ ଡାଇନୋସର ଜନ୍ମ ନେଲା । ଡାଇନୋସର ଏକ ରକମର ସରୀସୃପ ।



ଚିତ୍ର ୧୭—ଡାଇନୋସର—ଏକ ବଡ଼ ସାପଜାତୀୟ ପ୍ରାଣୀ—
ସେତେବେଳେ ଥିଲା; ଆଉ ନାହିଁ

ଏହି ମଧ୍ୟଜୀବ ଯୁଗରେ ବେଙ୍ଗ ଜନ୍ମ ନେଲା । ପ୍ରଥମ କରି ପକ୍ଷୀ ଏହି ଯୁଗରେ ଜାତ ହେଲା ।

Digitized by srujanika@gmail.com



ଚିତ୍ର ୧୮—ବେଙ୍ଗ—ଏକ ଉଭୟଚର ପ୍ରାଣୀ

ଅତି ବଡ଼ ଆକାରର ଡାଇନୋସର ବାହାରି ଏହି ଯୁଗରେ ପାଣିରେ ଓ ଭୂଇଁରେ ବାସ କଲେ ଏବଂ ଆକାଶରେ ଉଡ଼ିଲେ । ଏଣ୍ଡୁଅ, ଝିଟିପିଟି, ଚମ୍ପେଇନେଉଳ ପରି ପ୍ରାଣୀ ଏହି ଯୁଗରେ ଅନେକ ସଂଖ୍ୟାରେ ବାହାରିଲେ । ଏତିକି-ବେଳେ କୁମ୍ଭୀର ଜନ୍ମ ନେଲା ।

ଚିତ୍ର ୧୯—କୁମ୍ଭୀର ଏକ ଉଭୟଚର ପ୍ରାଣୀ

Digitized by srujanika@gmail.com

ଯେଉଁ ପ୍ରାଣୀମାନେ ମା' କ୍ଷୀର ପିଅନ୍ତି, ସେମାନଙ୍କୁ ସ୍ତନ୍ୟପାୟୀ କୁହାଯାଏ । ଛୁଆ ଜନ୍ମ ହେବା ପୂର୍ବରୁ ମା' ପେଟରେ ବଢ଼େ । ମା'ର ଯେଉଁ ଅଙ୍ଗଟିରେ ଛୁଆ ବଢ଼େ, ତାକୁ ଗର୍ଭାଶୟ କୁହାଯାଏ । ଗର୍ଭାଶୟରେ ବଢ଼ୁଥିବା ସ୍ତନ୍ୟପାୟୀ ପ୍ରାଣୀ ପ୍ରଥମେ ଏହି ଯୁଗର ଶେଷବେଳକୁ ବାହାରିଲେ । ଆଜିଠାରୁ ଷାଠିଏ ନିୟୁତ ବର୍ଷ ପୂର୍ବେ ଏହା ଘଟିଥିଲା ।

ଗଲା ଷାଠିଏ ନିୟୁତ ବର୍ଷକୁ ଆମେ ସଦ୍ୟଜୀବ ଯୁଗ ବୋଲି କହୁ । ଏହି ଯୁଗରେ ଅନେକ ରକମର ପକ୍ଷୀ ବାହାରିଲେ । ପାଣିରେ କଇଁଛ ଓ କୁମ୍ଭୀରଙ୍କ ସଂଖ୍ୟା ବଢ଼ିଗଲା । ଆଜି ଯେତେ କିସମର ପତଙ୍ଗ ଅଛନ୍ତି, ସେମାନଙ୍କ ଭିତରୁ ଅନେକ ଏହି ଯୁଗରେ ଜନ୍ମ ନେଲେ ।



ଚିତ୍ର ୨୦—ପକ୍ଷୀ

ସଦ୍ୟଜୀବ ଯୁଗରେ ଆଜିକାଲିର ସ୍ତନ୍ୟପାୟୀ ପ୍ରାଣୀ ଦେଖାଗଲେ । ଗାଈ, ମଇଁଷି, ଛେଳି, ମେଣ୍ଢି, ବାଘ, ସିଂହ, ଭାଲୁ, ହରିଣ, ହାତୀ, କୁକୁର, ମାଙ୍କଡ଼ ଇତ୍ୟାଦି ସ୍ତନ୍ୟପାୟୀ ପ୍ରାଣୀ ଏହି ଯୁଗରେ ଜନ୍ମ ନେଲେ ।

Digitized by srujanika@gmail.com

ଚିତ୍ର ୨୧ - ହନୁମାଙ୍କଡ଼

'ମାଙ୍କଡ଼ ଆସ୍ତେ ଆସ୍ତେ ବଦଳି ଗଲା । ସେ ସିମ୍ପାଜି ଓ ଗରିଲା ହୋଇଗଲା । ସେହି ବଣ-ମଣିଷ ବଦଳିଗଲା । ଶେଷରେ ସେ ମଣିଷ ହୋଇଗଲା । ଆଜିର ମଣିଷ ମାଙ୍କଡ଼ର ବଂଶଧର ।

ଚିତ୍ର ୨୨—ସିମ୍ପାଜି

Digitized by srujanika@gmail.com

ଚିତ୍ର ୨୩—ବଣ ମଣିଷ

ଚିତ୍ର ୨୪—ପ୍ରଥମ ମଣିଷ

## ଶୋଭା କାବା ହୋଇଗଲା

ମା'ଙ୍କଠାରୁ ଉଦ୍‌ବର୍ତ୍ତନର ଇତିହାସ ଶୁଣି ଶୋଭା କାବା ହୋଇଗଲା । ବାଇବେଲ୍ ପଢ଼େଇଲା ବେଳେ ସ୍କୁଲରେ ଶିକ୍ଷୟିତ୍ରୀ ଅନ୍ୟ ଧାରଣା ଦେଇଥିଲେ । ତାଙ୍କ କଥା ଅନୁସାରେ

Digitized by srujanika@gmail.com

ଯୀଶୁଙ୍କ ଜନ୍ମର ଦୁଇ ହଜାର ବର୍ଷ ପୂର୍ବେ ପୃଥିବୀର ସୃଷ୍ଟି ହୋଇଥିଲା । ଏହି ମତ ଅନୁସାରେ ପୃଥିବୀର ଆୟୁ ମାତ୍ର ଚାରି ହଜାର ବର୍ଷ । କେବଳ ପୃଥିବୀ ନୁହେଁ; ସୂର୍ଯ୍ୟ, ଚନ୍ଦ୍ର, ତାରା, ଜଗତର ସବୁ କିଛି ଚାରି ହଜାର ବର୍ଷ ପୂର୍ବେ ଏକ ସମୟରେ ମାତ୍ର ଛଅ ଦିନ ଭିତରେ ତିଆରି ହୋଇଥିଲା । ସେହି ସମୟରେ କୀଟ, ପତଙ୍ଗ, ପକ୍ଷୀ, ପଶୁ, ମଣିଷ, ସମସ୍ତେ ତିଆରି ହୋଇଗଲେ । ସମସ୍ତଙ୍କୁ ଭଗବାନ ଗଢ଼ି ଦେଲେ ।

କିନ୍ତୁ ମା'ଙ୍କ କଥା ନିଆରା । ସେ ଜୀବ-ବିଜ୍ଞାନ କହିଲେ । ଆମ ପୃଥିବୀ ୪୬୦୦ ନିୟୁତ ବର୍ଷ ପୂର୍ବେ ଜନ୍ମ ନେଲା । ପ୍ରଥମ ଅଢ଼େଇ ହଜାର ନିୟୁତ ବର୍ଷରେ ଏଥିରେ ଜୀବ ନ ଥିଲା । ଆଜିଠାରୁ ପ୍ରାୟ ଦୁଇ ହଜାର ନିୟୁତ ବର୍ଷ ପୂର୍ବେ ପୃଥିବୀରେ ଜୀବାଣୁ ଜାତ ହେଲା । ଏହା ପ୍ରଥମ ଜୀବ-ସୃଷ୍ଟି ଥିଲା । ବଦଳି ବଦଳି, ଉନ୍ନତ କରି କରି, ଜୀବାଣୁ ବଡ଼ ବଡ଼ ଗଛ ହୋଇ ଯାଇଛି । ବଦଳି ବଦଳି, ଉନ୍ନତ କରି କରି ଜୀବାଣୁ ମଣିଷ ହୋଇ ପାରିଛି ।

ଶୋଭି ମା'ଙ୍କୁ ଭଲ ପ୍ରଶ୍ନଟିଏ ପଚାରିଲା । "ପ୍ରଥମେ ମଣିଷ କେବେ ଜନ୍ମ ହେଲା ? ମାଙ୍କଡ଼ ବଣମଣିଷ ହେଇଗଲା, ସିମ୍ପାଜି ଓ ଗରିଲା ହେଇଗଲା । ଏ କଥା କେବେ ହେଲା ? ପୁଣି ବଣମଣିଷ ମଣିଷ କେବେ ହେଲା ?"

ମାନେ ଅଧ-ନିୟୁତ କିମ୍ବା ପାଞ୍ଚ ଲକ୍ଷ ବର୍ଷ ଭିତରେ ମଣିଷ ସୃଷ୍ଟି ହେଲା । ତା' ପୂର୍ବରୁ ଅଧ ନିୟୁତ ବର୍ଷ ଭିତରେ ଯେଉଁ ମଣିଷ ସୃଷ୍ଟି ହୋଇଥିଲା, ସେ ପୁରା ମଣିଷ ନ ଥିଲା, ପୁରା

Digitized by srujanika@gmail.com

ପଶୁ ନ ଥିଲା । ସେ ଅଧା ବାନର ଓ ଅଧା ମଣିଷ ଥିଲା । ଆଜିଠାରୁ ଏକ ନୟୁତ ବର୍ଷ ପୂର୍ବେ ପୃଥିବୀରେ ମଣିଷ ପରି ପ୍ରାଣୀ ଜନ୍ମ ହୋଇ ନ ଥିଲେ । କେତେଗୁଡ଼ାଏ ଚିତ୍ର ଦେଖେଇ ମା' ଶୋଭାଙ୍କୁ ବୁଝେଇ ଦେଲେ ।

## ଡାର୍‌ଉଇନ୍

ସବୁ ଜୀବଜନ୍ତୁ, ସବୁ ଗଛବୃଛ ଏକାବେଳକେ ତିଆରି ହୋଇନାହାନ୍ତି । ସରଳରୁ ଜଟିଳ ହୋଇଛି । ଅଧିକ ଅଧିକ ସୁବିଧା ହୋଇଛି । ଜୀବ ଉନ୍ନତତର ପଥରେ ଆଗେଇଛି । ଜୀବ ଉପରକୁ ଉଠିଛି, ସିଡ଼ି ଚଢ଼ିଛି । ଆସ୍ତେ ଆସ୍ତେ ବଦଳି ଯାଇ ଭୂତାଣୁ ଆମ୍ବ ଗଛ ହୋଇଛି, ମଣିଷ ହୋଇ ପାରିଛି । ମୋଟ ଉପରେ କହିବାକୁ ଗଲେ, ଗୋଟିଏ ଶବ୍ଦରେ ଏହାକୁ ପ୍ରକାଶ କରିବାକୁ ଗଲେ, 'ଉଦ୍‌ବର୍ତ୍ତନ' ଘଟିଛି ।

ଏହି ଉଦ୍‌ବର୍ତ୍ତନ-ଧାରଣାକୁ ପ୍ରଥମେ କିଏ ଦେଇଥିଲେ ? ଏଇ କଥାକୁ ମା'ଙ୍କଠୁ ଜାଣିବା ପାଇଁ ଶୋଭା ଚାହିଁଲା ।

ଉଦ୍‌ବର୍ତ୍ତନବାଦ ଡାର୍‌ଉଇନ୍‌ଙ୍କର ଆବିଷ୍କାର ବୋଲି ମା'-କହିଲେ । ଡାର୍‌ଉଇନ୍‌ଙ୍କ ପୂର୍ବରୁ ଲାମାର୍କ ଏହି ବିଷୟରେ ଚିନ୍ତା କରିଥିଲେ । ଲାମାର୍କ ୧୭୪୪ ଖ୍ରୀଷ୍ଟାବ୍ଦରେ ଜନ୍ମ ହୋଇଥିଲେ । ସେ ୧୮୨୯ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । "ପ୍ରତି ଜୀବଜାତି ହଠାତ୍ ସୃଷ୍ଟି ହୋଇଯାଏ ନାହିଁ । ତା' ପୂର୍ବରୁ ଆଉ କିଛି ସରଳତର ଜୀବଜାତି ଥାଏ । ସମୟର ସୁଅରେ ଜୀବ ଆସ୍ତେ ଆସ୍ତେ ବଦଳି ଯାଏ । ପରିବେଶର ଚାପରେ ଜୀବ

Digitized by srujanika@gmail.com

ବଦଳି ଯାଏ । ଏହି ଉପାୟରେ ନୂଆ ନୂଆ ଜୀବ ସୃଷ୍ଟି ହୁଅନ୍ତି ।" ଏହା ଲାମାର୍କଙ୍କର ମତ ହେଲା ।

ୱାଲେଶ୍ ଅନ୍ୟ ଜଣେ ଜୀବ-ବିଜ୍ଞାନୀ ଥିଲେ । ସେ ୧୮୨୩ ଖ୍ରୀଷ୍ଟାବ୍ଦରେ ଜନ୍ମ ହୋଇଥିଲେ । ସେ ୧୯୧୩ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । ସେ ଗଛ ଓ ଜନ୍ତୁମାନଙ୍କୁ ଦେଖୁଥିଲେ । ସେମାନଙ୍କ ବିଷୟରେ ସେ ଚିନ୍ତା କରୁଥିଲେ । ଦିନେ ୧୮୫୮ ଖ୍ରୀଷ୍ଟାବ୍ଦରେ ଫେବୃୟାରୀ ମାସରେ ୱାଲେଶ୍‌ଙ୍କ ମନରେ ହଠାତ୍ ଏକ ଧାରଣା ଜାତ ହେଲା । ସେହି ଧାରଣାଟି ଥିଲା—"ବଞ୍ଚି ରହିବା ପାଇଁ ଲଢ଼େଇରେ ସବୁଠୁ ପରବାର ଜୀବ ଜିତି ଥାଏ ।" ଏହି ଧାରଣାକୁ ଲେଖି ଲେଖାଟିକୁ ୱାଲେଶ୍ ଡର୍‌ଉଇନ୍‌ଙ୍କ ପାଖକୁ ପଠେଇଲେ ।

ଚିତ୍ର ୨୫-ଜୀବବିଜ୍ଞାନୀ-ଲାମାର୍କ ଚିତ୍ର ୨୬-ଜୀବବିଜ୍ଞାନୀ ୱାଲେଶ୍

Digitized by srujanika@gmail.com

ଚାର୍ଲ୍‌ସ ଡାରୱିନ୍ ୧୮୦୯ ଖ୍ରୀଷ୍ଟାବ୍ଦରେ ବିଲାତରେ ଜନ୍ମ ହୋଇଥିଲେ । ସେ ଜଣେ ବଡ଼ ଜୀବ-ବିଜ୍ଞାନୀ । ସେ ୧୮୮୨ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ଡାରୱିନ୍‌ଙ୍କୁ ଉଦ୍‌ବର୍ତ୍ତନବାଦର ପିତା ବୋଲି କୁହାଯାଏ । ସେ ଅନେକ ବର୍ଷ ଅନେକ ଦେଶ ବୁଲି ପ୍ରକୃତିକୁ ଅଧ୍ୟୟନ କଲେ । ସେ ଗଛ ଲତାକୁ ଦେଖିଲେ; ଜୀବଜନ୍ତୁଙ୍କୁ ଦେଖିଲେ । ପ୍ରକୃତିକୁ ଅଧ୍ୟୟନ କରି ସେ ଅନେକ ତଥ୍ୟ ସଂଗ୍ରହ କଲେ । ସେ ୧୮୫୯ ଖ୍ରୀଷ୍ଟାବ୍ଦରେ ନଭେମ୍ବର ମାସ ଚବିଶ ତାରିଖରେ ଖଣ୍ଡିଏ ବହି ଛପେଇଲେ । ବହି ଖଣ୍ଡିର ନାଁ ଥିଲା—"ଜୀବ-ଜାତିର ସୃଷ୍ଟି ।" ଏହି ବହିରେ ଡାରୱିନ୍ ଜୀବଜାତିର ଉଦ୍‌ବର୍ତ୍ତନ କଥା କହିଥିଲେ ।

ଚିତ୍ର ୨୭—ଜୀବ-ବିଜ୍ଞାନୀ ଚାର୍ଲ୍‌ସ ଡାରୱିନ୍

Digitized by srujanika@gmail.com

ନଡ଼ିଆକୁ ମାଟିରେ ପୋତିଲେ ନଡ଼ିଆ-ଗଛ ହୁଏ । ସେହି ଗଛରେ ନଡ଼ିଆ ଫଳେ । ଆମ୍ବ-ଟାକୁଆକୁ ମାଟିରେ ପୋତିଲେ ସେଥିରୁ ଯେଉଁ ଗଜା ବାହାରେ, ତାହା ଆମ୍ବ-ଗଛ ହୋଇ ବଢ଼େ । ସେହି ଗଛରେ ଆମ୍ବ ଫଳେ । ପଣସ-ମଞ୍ଜି ଲଗେଇଲେ ପଣସ ଗଛ ହୁଏ । ସେହି ଗଛରେ ପଣସ ଫଳେ । କୁକୁରର ଛୁଆ କୁକୁର ହୁଏ । ଶିଆଳର ଛୁଆ ଶିଆଳ ହୁଏ । ବାଘର ଛୁଆ ବାଘ ହୁଏ । ହାତୀର ଛୁଆ ହାତୀ, ଗାଈର ଛୁଆ ଗାଈ, ଆଉ ସିଂହର ଛୁଆ ସିଂହ ହୁଏ । ଶୁଆ ଅଣ୍ଡାଦିଏ । କୁଆ ଅଣ୍ଡା ଦିଏ । ଶୁଆ-ଅଣ୍ଡା ଫୁଟିଲେ ଶୁଆ-ଛୁଆ ବାହାରେ । କୁଆ-ଅଣ୍ଡା ଫୁଟିଲେ କୁଆ-ଛୁଆ ବାହାରେ । କୁକୁଡ଼ା-ଅଣ୍ଡା ଫୁଟିଲେ କୁକୁଡ଼ା ଛୁଆ ବାହାରେ । ଗୋରା ମଣିଷର ଛୁଆ ଗୋରା ହୁଏ । କଳା ମଣିଷର ଛୁଆ କଳା ହୁଏ । ବାପାମା'ଙ୍କର ଚେହେରା ନେଇ ପୁଅଝିଅ ଜନ୍ମ ହୁଅନ୍ତି । ଏଇ ସବୁଥିରୁ ଗୋଟିଏ କଥା ଜଣା ଯାଉଛି । ପ୍ରତି ଜୀବ ତା'ର ପିଲାଛୁଆଙ୍କ ପାଖକୁ ଗୁଣ ଦେଇ ଦଉଛି । ସେହି ଗୁଣକୁ ବହିବା ପାଇଁ କିଛି ଜିନିଷ ଅଛି । ଗୁଣବାହୀ ଜିନିଷ ବାପମା'ଙ୍କଠାରୁ ପିଲାଙ୍କ ପାଖକୁ ଚାଲି ଯାଉଛି ।

ଗୁଣବାହୀ ଜିନିଷ କେବେ କେବେ ବଦଳି ଯାଏ । ଯଦି ତା' ହୁଏ, ତେବେ ପିଲା ବାପମା'ଙ୍କଠାରୁ ଭିନ୍ନ ଗୁଣ ଦେଖାଏ । ଧରେ ଧରେ ବାପମା' ଟାଲା ନ ଥାନ୍ତି, କିନ୍ତୁ ଟାଲା ପିଲାଟିଏ ଜନ୍ମ ହୁଏ । ଏଇ ଟାଲା ପିଲାଟି ବଡ଼ ହୁଏ । ପୁଣି ସେ ମଧ୍ୟ ଟାଲା ପିଲା ଜନ୍ମ କରେ । ଗୁଣବାହୀ ଜିନିଷ ବଦଳିଯିବା କଥାଟାକୁ ବିଜ୍ଞାନରେ 'ବିବର୍ତ୍ତନ' କୁହାଯାଏ ।

Digitized by srujanika@gmail.com

ଗଛରେ ପରିବର୍ତ୍ତନ ହୁଏ । ପଶୁପକ୍ଷୀଙ୍କର ପରିବର୍ତ୍ତନ ହୁଏ । ଗୋଟେ ବିଲାତି ବାଇଗଣ ଗଛରୁ ଛୋଟ ବିଲାତି ଫଳେ । ହଠାତ୍ ସେହି ଗଛରେ ଗୋଟେ ବଡ଼ ବିଲାତି ଫଳେ । ସେହି ବଡ଼ ବିଲାତିର ମଞ୍ଜିକୁ ମାଟିରେ ଲଗେଇଲେ ଯୋଉ ଗଛ ହୁଏ, ସେଥିରେ ବଡ଼ ବିଲାତି ଫଳେ । ଛୋଟ ବିଲାତି ଗଛରେ ଯେଉଁ ଗୁଣବାହୀ ଜିନିଷ ଥିଲା, ତାହା ଛୋଟ ଫଳ ପାଇଁ ଥିଲା । ତାହା ହଠାତ୍ ବଦଳି ଗଲା । ଏହି ବଦଳି ଯାଇଥିବା ଗୁଣବାହୀ ଜିନିଷ ବଡ଼ ଫଳ ତିଆରି କଲା । ପରିବର୍ତ୍ତନ ହେଲା । ଜୀବଜାତିର ଗୁଣ ବଦଳି ଗଲା ।

ପରିବର୍ତ୍ତନ ଯୋଗୁ ଯେତେ ଜୀବ ବଦଳି ଯାଆନ୍ତି, ସମସ୍ତେ ପରିବେଶରେ ଉଧେଇ ପାରନ୍ତି ନାହିଁ । ଯେଉଁ ପରିବର୍ତ୍ତନ ପରିବେଶକୁ ଖାପ ଖୁଏଇ ପାରିଲା, ତାହା ବଞ୍ଚିବା ପାଇଁ ଭଲ ହେଲା । ଯେଉଁ ପରିବର୍ତ୍ତନ ପରିବେଶରେ ଉଧେଇ ପାରିଲା ନାହିଁ, ତାହା ରହି ପାରିଲା ନାହିଁ ।

ଗୋଟିଏ ଉଦାହରଣ ନେଲେ କଥାଟିକୁ ବୁଝିବା ସହଜ ହୋଇଯିବ । ଆଫ୍ରିକାର ସାହାରା ମରୁଭୂମିରେ ଜିରାଫ ଥାଆନ୍ତି । ସେମାନଙ୍କର ବେକ ବଡ଼ ଲମ୍ବା । ଏମିତି କାହିଁକି ହେଇଚି ?

ମରୁଭୂମିରେ ଘାସ ନ ଥାଏ, ବୁଦା ନଥାଏ । ଯେଉଁଠାରେ ଗଛ ଥାଏ ତା' ଅତି ଉଚ୍ଚା ହୋଇ ବଢ଼ିଥାଏ । ସେହି ଉଚ୍ଚା ଗଛରୁ ପତ୍ର ଖାଇ ଜିରାଫ ବଞ୍ଚେ । ମାତ୍ର ଜିରାଫ ଉଚ୍ଚା ଗଛରୁ ଡାଳପତ୍ର ଖାଇବ କେମିତି ? ତା' ପାଟି ଡାଳ ପାଖରେ ପହଞ୍ଚିବ କେମିତି ?

Digitized by srujanika@gmail.com



ଚିତ୍ର ୨୮—ଜିରାଫ

କେବେ ନା କେବେ ଜିରାଫରେ ବିବର୍ତ୍ତନ ଘଟିଛି । ଲମ୍ବା-ବେକ-ବାଲା ଜିରାଫ ଜନ୍ମ ନେଇଚି । ସାନ-ବେକ ଓ ବଡ଼-ବେକ-ବାଲା ଜିରାଫ କେତେ କାଳ ରହିଥିଲେ । ମାତ୍ର ସାନ-ବେକ-ବାଲା ଜିରାଫ ମରୁଭୂମିର ପରିବେଶରେ ବେଶୀ କାଳ ରହି ପାରି ନାହିଁ । ଖାଦ୍ୟ ନ ପାଇ କିମ୍ବା କମ୍ ପାଇ ସେ ମରି ଯାଇଛି । ଲମ୍ବା ବେକ-ବାଲା ଜିରାଫ ମରୁଭୂମିର ପରିବେଶରେ ଖାପ ଖୁଆଇ ପାରିଚି । ସେଇଥିପାଇଁ ସେ ଉଠିଛି ।

ଏଇପରି ଅନେକ କଥା ଦେଖି ଡାର୍‌ଉଇନ୍ କହିଲେ; "ବଞ୍ଚି ରହିବା ପାଇଁ ଜୀବମାନେ ଲଢ଼େଇ କରୁଥାଆନ୍ତି । ଯେଉଁ

Digitized by srujanika@gmail.com

ଜୀବ ପରିବେଶ ସହିତ ଖାପ ଖୁଆଇ ପାରେ, ସେ ବଞ୍ଚେ । ଯେଉଁ ଜୀବ ପାଇଁ ପରିବେଶ ମନ୍ଦ ହୁଏ, ସେ ମରିଯାଏ । ସମସ୍ୟାର ସୁଅରେ ପାରିବାର ଜୀବ ବଞ୍ଚେ; ନ ପାରିବାର ଜୀବ ଉଭେଇ ଯାଏ ।"

ପ୍ରତି ଜୀବ ନିଜର ଗୁଣକୁ ବଞ୍ଚେଇ ରଖିବାକୁ ଚେଷ୍ଟା କରେ । ତଥାପି ଗୁଣବାହୀ ଜିନିଷ ବଦଳି ଯାଏ । ସେହି ବଦଳୁଥିବା ଜିନିଷ ଭଲ ପରିବେଶ ପାଇଲେ ବଞ୍ଚି ରହେ, ମନ୍ଦ ପରିବେଶ ପାଇଲେ ମରି ଯାଏ ।

କେତେକ ବଦଳି ଯାଉଥିବା ଗୁଣ ଭଲ ପରିବେଶ ପାଏ, ବଞ୍ଚି ରହେ । କାଳକ୍ରମେ ଗୋଟିଏ ଗୁଣ ପରେ ଆଉ ଗୋଟିଏ ଗୁଣ ବଦଳେ ଏବଂ ତା' ମଧ୍ଯ ବଞ୍ଚି ରହେ । ଏହିପରି ବଞ୍ଚି ରହି ପାରୁଥିବା ଅନେକ ଗୁଣ ଏକାଠି ହୋଇ ଗଲେ ଜୀବ ବଦଳି ଯାଏ । ପ୍ରଥମେ କମ୍ ବଦଳେ; ପରେ ବେଶୀ ବଦଳି ଯାଏ ।

ଏହିପରି ଭାବରେ ଭୂତାଣୁ, ଜୀବାଣୁ ହୋଇଛି; ଜୀବାଣୁ ଆମିବା ହୋଇଛି; ଆମିବା ଜିଆ ହୋଇଛି; ଜିଆ ବେଙ୍ଗ ଓ ମାଛ ହୋଇଛି; ସେଇଥିରୁ ସାପ ଓ କୁମ୍ଭୀର ବାହାରିଛନ୍ତି; ପାରି ଓ କୁକୁଡ଼ା ବାହାରିଛନ୍ତି; କୁକୁର ଓ ଘୁଷୁରି ବାହାରିଛନ୍ତି; ଗାଈ ଓ ମଇଁଷି ବାହାରିଛନ୍ତି; ହନୁ ଓ ମାଙ୍କଡ଼ ବାହାରିଛନ୍ତି; ମାଙ୍କଡ଼ ବଣମଣିଷ ହୋଇଛି; ବଣମଣିଷ ମଣିଷ ହୋଇଛି । ଏହା ଉଦ୍‌ବର୍ତ୍ତନର ସିଦ୍ଧି । ଏଇ କଥାକୁ ବୈଜ୍ଞାନିକ ଡାର୍‌ଉଇନ୍ କହିଥିଲେ ।

Digitized by srujanika@gmail.com

ମା' ଡାର୍‌ଉଇନ୍‌ଙ୍କ ବିଷୟରେ ଆହୁରି ବହୁତ କଥା କହି ଶୋଭିକୁ ବୁଝେଇଲେ । ଶୋଭି ମା'ଙ୍କ କଥା ବୁଝିଲା । ଯେଉଁଠି ତା'ର ସନ୍ଦେହ ହେଲା, ସେଠି ସେ ପ୍ରଶ୍ନ ପଚାରିଲା । ମା' ଶୋଭିର ପ୍ରଶ୍ନର ଉତ୍ତର ଦେଲେ । ଆଲୋଚନାଟି ଶୋଭିକୁ ବହୁତ ଭଲ ଲାଗିଲା ।

## ଡାର୍‌ଉଇନ୍ କ'ଣ ବଳାବଳେଇଛନ୍ତି ?

ଡାର୍‌ଉଇନ୍‌ଙ୍କ ବିଷୟରେ ଶୋଭି ବହୁତ ଚିନ୍ତା କଲା । ଦୁଇ ସପ୍ତାହ କାଳ ତା' ମନ ଭିତରେ ସେ କେବଳ ଡାର୍‌ଉଇନ୍‌ଙ୍କ କଥା ଭାବିଲା । ଗୋଟିଏ କଥା ନେଇ ତା' ମନରେ ସନ୍ଦେହ ଉପୁଜିଲା । ଡାର୍‌ଉଇନ୍ ଯାହା କହି ଦେଲେ, ତାହା ସତ ବୋଲି ଶୋଭି କାହିଁକି ମାନିବ ? ଏ କଥା ପାଇଁ ପ୍ରମାଣ କ'ଣ ଅଛି ? ଏହା ମନଗଢ଼ା କଥା ନୁହେଁ ତ ? ଡାର୍‌ଉଇନ୍ ବଡ଼ ବୈଜ୍ଞାନିକ । ତା' ବୋଲି ସେ ବଳ-ବଳେଇଲେ ଆମେ ମାନିବୁ କାହିଁକି ? ଶୋଭି ପୁଣି ତା' ମା'ଙ୍କୁ ପଚାରିଲା, ପ୍ରମାଣ ମାଗିଲା ।

ବିନା ପ୍ରମାଣରେ ବିଜ୍ଞାନ କିଛି ଗ୍ରହଣ କରେ ନାହିଁ ବୋଲି ମା' କହିଲେ । ଡାର୍‌ଉଇନ୍‌ଙ୍କ ମତ ବହୁ ବର୍ଷ ହେଲା ଗୃହୀତ । ସେ ପ୍ରମାଣ ଦେଇ ଉଦ୍‌ବର୍ତ୍ତନକୁ ପ୍ରତିଷ୍ଠା କରିଛନ୍ତି ।

ଉଦ୍ଭିଦ ହେଉ କିମ୍ବା ପ୍ରାଣୀ ହେଉ, ଶରୀର ଗଠନକୁ ଅଧ୍ୟୟନ କଲେ ପ୍ରମାଣ ମିଳିଥାଏ । ଉଦାହରଣ ଭାବରେ

Digitized by srujanika@gmail.com

ବେଙ୍ଗକୁ, ଚଢ଼େଇକୁ, ମୂଷାକୁ ଏବଂ ମଣିଷକୁ ନିଆଯାଇ ପାରେ । ଏ ସମସ୍ତଙ୍କୁ କାଟି ପରୀକ୍ଷା କଲେ ଜଣାପଡ଼େ ଯେ ସେମାନଙ୍କର ଗଠନରେ ଅନେକ ସାଧାରଣ ଅଙ୍ଗ ଅଛି । ଅବଶ୍ୟ ସେମାନଙ୍କ ଭିତରେ ପ୍ରଭେଦ ମଧ୍ଯ ଅଛି ।

ଗଠନ ବିଜ୍ଞାନକୁ ଛାଡ଼ି ଦେଲେ କ୍ରିୟା ବିଜ୍ଞାନରେ ମଧ୍ୟ ଅନେକ ସାଧାରଣ କଥା ଦେଖିବାକୁ ମିଳେ । ହୃତ୍‌ପିଣ୍ଡ କଥା ବିଚାର କରାଯାଉ । ବେଙ୍ଗର ହୃତ୍‌ପିଣ୍ଡ କାମ କରେ । ମୂଷାର ଓ ମନୁଷ୍ୟର ହୃତ୍‌ପିଣ୍ଡ କାମ କରେ । ବିଭିନ୍ନ ପ୍ରାଣୀଙ୍କ ହୃତ୍‌ପିଣ୍ଡର କାମ ଦେଖିଲେ ଜଣା ପଡ଼େ ଯେ ମୋଟ ଉପରେ ସେହି କାମ ଏକା ରକମର । ଅବଶ୍ୟ ଠିକନଖି ଦେଖିଲେ ପ୍ରଭେଦ ଥାଏ । ମାତ୍ର ପ୍ରଭେଦ ତୁଳନାରେ ଏକା ରକମର କାମ ବେଶୀ ଦେଖାଯାଏ ।

ଭ୍ରୂଣ-ବିଜ୍ଞାନ ଅଧ୍ୟୟନ କଲେ ଉଦ୍‌ବର୍ତ୍ତନ ସପକ୍ଷରେ ପ୍ରମାଣ ମିଳେ । ଛୁଆ କେମିତି ତିଆରି ହୁଏ, ତାହା ଭ୍ରୂଣ-ବିଜ୍ଞାନରେ ଥାଏ । ବେଙ୍ଗ କେମିତି ତିଆରି ହୁଏ, ମାଛ କେମିତି ତିଆରି ହୁଏ, ମୂଷା ଓ ମଣିଷ କେମିତି ତିଆରି ହୁଏ, ଏ ସବୁ ଅଧ୍ୟୟନ କଲେ ଉଦ୍‌ବର୍ତ୍ତନ ସପକ୍ଷରେ ପ୍ରମାଣ ମିଳିଯାଏ ।

ଆହୁରି ଅନେକ ପ୍ରମାଣ ଅଛି ବୋଲି ମା' ଶୋଭାକୁ କହିଲେ । ଶୋଭା ବଡ଼ ହେଲେ ବିଜ୍ଞାନ ପଢ଼ିବ । ସେତେ-ବେଳେ ସେ ଆହୁରି ଅଧିକ ଜାଣିବ ।

Digitized by srujanika@gmail.com

# ମଣିଷ ଜାଣିଲା କେମିତି ?

ଉଦ୍‌ବର୍ତ୍ତନରେ ମଣିଷ ସବା ଶେଷରେ ଆସିଲା । ତେବେ ସେ ଆଗ କଥା ଜାଣିଲା କେମିତି ? ଭୂତାଣୁ ଓ ଜୀବାଣୁ କେବେ ଜାତ ହେଲେ, ମାଛ କେବେ ଜାତ ହେଲେ, ପକ୍ଷୀ ଓ ବାଘ କେବେ ବାହାରିଲେ, ଏ ସବୁ ବିଷୟରେ ମଣିଷ କେମିତି ଜାଣିଲା ? ଶୋଭାର ମନରେ ଏ ବିଷୟରେ ସନ୍ଦେହ ଜାତ ହେଲା । ସେ ମା'ଙ୍କୁ ପଚାରିଲା ।

ମା' ଶୋଭାକୁ ଫସିଲ୍ ବା ଜୀବାଶ୍ମ ବିଷୟରେ ଧାରଣା ଦେଲେ ।

ଚିତ୍ର ୨୯— ଫସିଲ୍

ଫସିଲ୍ ବିଷୟରେ କହିଲା ବେଳେ ଆଗେ ସେ ସ୍ତର ସ୍ତର ହୋଇ ବସି ଯାଇଥିବା ମାଟି ବିଷୟରେ କହିଲେ । ମାଟି କ୍ଷୟ ହେଉଛି । ପାଣିରେ ଧୋଇ ହୋଇ ତା' ସମୁଦ୍ର ଓ ହ୍ରଦକୁ ଯାଇ ତଳେ ବସିଯାଉଛି । ଏହିପରି ଭାବରେ ମାଟି ସ୍ତର ସ୍ତର ହୋଇ ଜମା ହେଉଛି ।

Digitized by srujanika@gmail.com

ପ୍ରତି ମାଟି ସ୍ତରରେ କେତେକ ଉଦ୍‌ଭିଦ ଓ ପ୍ରାଣୀ ରହି ଯାଉଛନ୍ତି । ମାଟିରେ ସେମାନଙ୍କର ଶରୀରର ଛାପ ରହି ଯାଉଛି । ସେହି ଛାପ ବା ଚିହ୍ନକୁ ଫସିଲ୍ କୁହାଯାଏ ।

ମାଟି ସମ୍ପର୍କୀୟ ବିଜ୍ଞାନକୁ ଭୂ-ବିଜ୍ଞାନ କୁହାଯାଏ । ଭୂ-ବିଜ୍ଞାନୀମାନେ ମାଟି ଖୋଳି ଭିନ୍ନ ଭିନ୍ନ ସ୍ତରରୁ ନମୁନା ନିଅନ୍ତି । ସେମାନେ ସେଥିରେ ଫସିଲ୍ ଦେଖନ୍ତି । କେଉଁ ସ୍ତରରେ ମାଟି କେତେ ବର୍ଷ ପୁରୁଣା, ତାକୁ ଜାଣିବା ପାଇଁ ସେମାନଙ୍କର ଉପାୟ ଅଛି । ଏପରି ପରୀକ୍ଷା କରି ସେମାନେ ଉଦ୍‌ବର୍ତ୍ତନ ବିଷୟରେ ମୂଲ୍ୟବାନ ତଥ୍ୟ ଦିଅନ୍ତି ।

ମା'ଙ୍କ ପାଖରେ କେତୋଟି ଫସିଲ୍ ଚିତ୍ର ଥିଲା । ସେ ଶୋଭାକୁ ଫସିଲ୍ ଦେଖେଇଲେ । ଫସିଲ୍‌ଗୁଡ଼ିକୁ ଦେଖି ଶୋଭା ଖୁସି ହୋଇଗଲା ।

## ସିଡ଼ିଟା କେତେ ଉଚା ?

ମା'ଙ୍କ ଠାରୁ ସବୁ ଶୁଣି ଉଦ୍‌ବର୍ତ୍ତନ ଉପରେ ଶୋଭାର ପୁରା ବିଶ୍ୱାସ ଆସିଗଲା । ଅଧିକରୁ ଅଧିକ ଜାଣିବାକୁ ତା'ର ଆଗ୍ରହ ବଢ଼ିଲା । ପ୍ରକୃତିକୁ ଖୋଲି ଦବା ପାଇଁ ସେ ଚାବି ପାଇଗଲା । ଏତେ ଗଛଲତା, ପଶୁପକ୍ଷୀ କେମିତି ତିଆରି ହେଲେ, କେବେ ତିଆରି ହେଲେ, କାହା ଦ୍ୱାରା ତିଆରି ହେଲେ, ଏହି ପ୍ରଶ୍ନ ଗୁଡ଼ିକର ଉତ୍ତର ଶୋଭା ପାଉ ନ ଥିଲା । ବର୍ତ୍ତମାନ ସେ ଉତ୍ତର ପାଇଗଲା ।

Digitized by srujanika@gmail.com

|| ୭୬ ||

ଆଉ ଗୋଟିଏ ପ୍ରଶ୍ନ ଶୋଭ୍ରାର ମନକୁ ଛୁଇଁଲା । ଉଦ୍‌ବର୍ତ୍ତନର ସିଡ଼୍‌ଢ଼ୀ ଭୂତାଣୁରୁ ମଣିଷ ପର୍ଯ୍ୟନ୍ତ ଆସିଲା । ଲମ୍ବା ସିଢ଼ି; ଉଚ୍ଚା ସିଢ଼ି । କିନ୍ତୁ ତା' ପରେ ହବ କ'ଣ ? ମଣିଷଠାରେ କ'ଣ ସିଢ଼ୀ ସରିଗଲା ? ଆଉ ପାହାଚ ରହିବ କି ନାହିଁ ?

ମା' ଶୋଭ୍ରାର ପ୍ରଶ୍ନଟିକୁ ବହୁତ ଭଲ ପାଇଲେ । ଝିଅ ବୁଦ୍ଧିମତୀ ବୋଲି ଜାଣି ସେ ଖୁସି ହୋଇଗଲେ ।

ମା' କହିଲେ, "ଶୋଭ୍ରା, ମଣିଷଠେ ଉଦ୍‌ବର୍ତ୍ତନର ସିଢ଼ୀ ସରିବ ନାହିଁ । ନୂଆ ନୂଆ ପାହାଚ ତିଆରି ହବ । ବଡ଼ ହେଲେ ତୁ ବଡ଼ ବୈଜ୍ଞାନିକ ହବୁ । ତୁ ସେହି ନୂଆ ପାହାଚକୁ ଖୋଜିବୁ । ମୁଁ ବୁଢ଼ୀ ହୋଇ ଯାଇଥିବି । ତୁ ମୋତେ ବତେଇବୁ । ଜ୍ଞାନର ଦଉଡ଼ ଅସରନ୍ତି ଥାଏ, ଶୋଭ୍ରା । ସେହି ଦଉଡ଼ ପାଇଁ ବାଡ଼ବତା ନ ଥାଏ ।"

—※✕※—

Digitized by srujanika@gmail.com